# ରାଧାକାନ୍ତ ମନ୍ଦିରର ରତ୍ନମୁଦ ଉତ୍ସବ



**ବିଷମକଟକ,୨୧।୧(ସମିସ)**

ରାୟଗଡ଼ା ଜିଲ୍ଲା ବିଷମକଟକ ଗୋଡ଼ର ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଧାକାନ୍ତ ମନ୍ଦିରର ପୁନଃଉଦ୍ଧାର କରାଯାଇ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ରବିବାର ଚତୁର୍ଥ ଦିବସରେ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଷମକଟକ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ରତ୍ନମୁଦ ଢାଳିବା ପାଇଁ ରାଧାକୃଷ୍ଣ ମନ୍ଦିର ପରିସରରେ ପହଞ୍ଚି ନୂଆ ଧାନ, ସୁନା ଓ ଟଙ୍କା ସହ ବିଭିନ୍ନ ଧାତୁ ଢାଳିଥିଲେ। ରବିବାର ମନ୍ଦିର ପରିସରରେ ଅଷ୍ଟପ୍ରହର ସାଙ୍ଗକୁ ରତ୍ନମୁଦ କାର୍ଯ୍ୟକ୍ରମ ଏବଂ ସୋମବାର ଠାକୁରଙ୍କୁ ପ୍ରବେଶ କରି ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ପ୍ରବେଶ କାର୍ଯ୍ୟକ୍ରମ ଓ ପୂର୍ଣ୍ଣାହୁତି ଦିଆଯିବ। ମନ୍ଦିର ପ୍ରତିଷ୍ଠା ନିମନ୍ତେ ପୁରହିତ ଶିବିରାମ ରଥ ରଥ, କେଶବ ରଥ ଓ ସପନ ରଥଙ୍କ ସହ ୧୫ଜଣ ବ୍ରାହ୍ମଣ ଚାରିଦିନ ହେବ ଅହରାତ୍ର ରୀତିନୀତି ପୂଜା କାର୍ଯ୍ୟ ଚଳାଇଥିବା ବେଳେ ଆଉ ସୋମବାର ପୂର୍ଣ୍ଣାହୁତି କରାଯିବ। ବିଷମକଟକ ଗଡ଼ର ଥାଟରାଜା ଭାସ୍କର ଚନ୍ଦ୍ର ଦେଓ ସ୍ଥାନୀୟ ରାଧାକାନ୍ତ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ସହ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, କୋରାପୁଟ ଲୋକସଭା ସାଂସଦ ସପ୍ତଗିରୀ ଉଲ୍ଲାକା ମନ୍ଦିରର ରତ୍ନମୁଦ ପକାଇ ଥିଲେ। ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ଏବଂ ବିଷମକଟକ ସହରବାସୀଙ୍କ ସହଯୋଗ କ୍ରମେ ମନ୍ଦିର ଉତ୍ସବ ଚାଲୁ ରହିଛି।

# ଚିକିତ୍ସା ଅବହେଳା ଯୋଗୁଁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

**କାଲିମେଲା,୨୧।୧(ସମିସ)**



ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ କୋଇମେଟଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଦ୍ୱାରା ପରିଚାଳିତ ରାଣୀ ଲକ୍ଷ୍ମୀବାଇ ଛାତ୍ରୀ ନିବାସର ଜଣେ ଅନ୍ତେବାସୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଅନ୍ତେବାସୀ ଜଣଙ୍କ ତୃତୀୟ ଶ୍ରେଣୀର ଛାତ୍ରୀ ଥିଲେ। ସୂଚନାନୁଯାୟୀ, ସଂଗେଲ ଗ୍ରାମର ଦେବା ମାଡ଼କାମୀଙ୍କ ୯ବର୍ଷର ଝିଅ ସବିତା ମାଡ଼କାମୀ କାଲିମେଲାସ୍ଥିତ ରାଣୀ ଲକ୍ଷ୍ମୀବାଇ ଛାତ୍ରୀ ନିବାସରେ ରହି ପାଠ ପଢୁଥିଲା। ତା'ର ଅବସ୍ଥା ଗୁରୁତର ହୋଇପଡ଼ିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ତାକୁ ଡାକ୍ତରଖାନା ନେବା ପରିବର୍ତ୍ତେ ପରିବାର ଲୋକଙ୍କୁ ଖବର ଦେଇ ଘରକୁ ନେଇଯିବାକୁ କହିଥିଲେ। ଛାତ୍ରୀର ବାପା ଆନ୍ଧ୍ରରେ କାମ କରୁଥିବାବେଳେ ସେ ନିଜର ଜଣେ ସମ୍ପର୍କୀୟଙ୍କୁ ଖବର ଦେଇ ଶୁକ୍ରବାର ଛାତ୍ରୀ ଜଣଙ୍କୁ ଘରକୁ ନେଇଯାଇଥିଲେ। ଶନିବାର ଛାତ୍ରୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକେ ନେଇ ଭର୍ତ୍ତି କରିଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି। ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଓ ମେଟ୍ରୋନ ହଷ୍ଟେଲରେ ଅଧିକାଂଶ ସମୟ ରହୁନଥିବାରୁ ଏହି ଦୁଇଜଣଙ୍କ ଅବହେଳା ଯୋଗୁଁ ଛାତ୍ରୀ ଜଣଙ୍କର ମୃତ୍ୟୁ ହେଲା ବୋଲି ଅଭିଯୋଗ କରିଛନ୍ତି ଓଡ଼ିଶା କୋୟା ସମାଜର ଜିଲ୍ଲା ସଭାପତି ମୁକୁନ୍ଦ ପଡ଼ିଆମୀ ଓ କାଲିମେଲା ବ୍ଲକ୍ ସଭାପତି ବାଗା ମାଡ଼କାମୀ। ସେହିପରି ସବିତାକୁ ଘରକୁ ଆଣିବାବେଳେ ତାର ଅବସ୍ଥା ଅତି ଖରାପ ଥିଲା ବୋଲି ଅଭିଯୋଗ କରିଛନ୍ତି ମୃତ ଛାତ୍ରୀର ମା' ଇରେ ମାଡ଼କାମୀ। ଖବର ପାଇ ଓଡ଼ିଶା କୋୟା ସମାଜର ସଭାପତିଙ୍କ ସମେତ ଅନେକ କୋୟା ସମାଜର ନେତା ହଷ୍ଟେଲରେ ପହଁଞ୍ଚିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଶାସନକୁ ଏଥି ପାଇଁ ଦାୟୀ କରିଛନ୍ତି। ଯଦି ହଷ୍ଟେଲ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଓ ମେଟ୍ରୋନ ହଷ୍ଟେଲରେ ଉପସ୍ଥିତ ରହି ଅନ୍ତେବାସୀଙ୍କ ଦାୟିତ୍ୱ ସଠିକ୍ ଭାବରେ ପାଳନ କରିଥାନ୍ତେ ତେବେ ଅକାଳରେ ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ଜୀବନ ହୁଏତ ବଞ୍ଚିଯାଇଥାନ୍ତା। ସେ ମଧ୍ୟ ଏଥି ପାଇଁ ଦାୟୀ କହି ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଓ ମେଟ୍ରୋନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମୃତ ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ବିଇଓଙ୍କ ନିର୍ଦ୍ଦେଶରେ ଆଜି ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଅନିମେଶ ମଣ୍ଡଳ ହଷ୍ଟେଲକୁ ଯାଇ ତଦନ୍ତ କରି ଫେରିଛନ୍ତି। ଛାତ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ କରାଯିବା ସହିତ ଯିଏ ଦାୟୀ ହେବେ ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

# ଶୌଣ୍ଡିକ ସଙ୍ଘର ବାର୍ଷିକ ସାଧାରଣ ବୈଠକ

**ଟିକିରି,୨୧।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଶୌଣ୍ଡିକ ସଙ୍ଘର ସଭାପତି ବିଜୟ ରତ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଟିକିରି ନଟରାଜ ପେଟ୍ରୋଲ୍ ପମ୍ପ୍ ପଛପଟ ଶୌଣ୍ଡିକ ସଙ୍ଘର ଏକ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡମ୍ବୁରୁଧର ସାହୁ ସଭାକୁ ପରିଚାଳନା କରିଥିଲେ। କାଶୀପୁର ବ୍ଲକରେ ବସବାସ କରୁଥିବା ୩୦୦ ପରିବାରରୁ ପ୍ରାୟ ୧୪୦୦ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଓଡ଼ିଶାରେ ବସବାସ କରୁଥିବା ଜାତି ଭାଇମାନଙ୍କ ପାଇଁ ରାଜ୍ୟ ସଙ୍ଘ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଯୋଗ କରିବ ଓ ମେଡିକାଲ ଖର୍ଚ୍ଚ ପାଇଁ ୪୦% ପର୍ଯ୍ୟନ୍ତ ସଙ୍ଘ ଦେବ ବୋଲି ସଭାପତି କହିଥିଲେ। ଜାତିଭାଇମାନଙ୍କ ଉନ୍ନତି ପାଇଁ ସଙ୍ଘର ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କିଣାଯାଇଥିବା ସଙ୍ଘର ନିଜ ଜାଗାରେ ସଙ୍ଘ ପାଇଁ ଏକ ଘର କରିବା ପାଇଁ ଆଲୋଚନା ହୋଇଥିଲା। ମନୋରଞ୍ଜନ ପାଇଁ ମହିଳା ଓ ଛୋଟ ପିଲାଙ୍କ ପାଇଁ ମ୍ୟୁଜିକ ଚେୟାର ଖେଳାଯାଇଥିଲା। ଖେଳର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ କଳାକାରଙ୍କ ପ୍ରଥମ ପର୍ଯ୍ୟାୟ କର୍ମଶାଳା




**କଲ୍ୟାଣସିଂହପୁର, ୨୧।୧(ସମିସ)**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟର ସଭାଗୃହଠାରେ ବ୍ଲକସ୍ତରୀୟ ଲୋକକଳା କଳାକାରଙ୍କ ପ୍ରଥମ ପର୍ଯ୍ୟାୟ କର୍ମଶାଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ୍ କଳା ସଂସ୍କୃତି ସଂଘ ସଭାପତି ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ସରକାରଙ୍କ ୧୫ଟି ଜନହିତକର ଯୋଜନା ଯେମିତିକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ୍ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନା, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିଆତି, ଆମ ହସ୍ପିଟାଲ, କ୍ରୀଡ଼ା, ଆମ ଓଡ଼ିଶା ନବୀନ ଓଡ଼ିଶା , '୫-ଟି' ହାଇସ୍କୁଲ୍ ରୂପାନ୍ତରିତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆମ ବ୍ୟାଙ୍କ, ଆମ ଐତିହ୍ୟ, 'ଲକ୍ଷ୍ମୀ' ବସ୍ ପରି ଯୋଜନାକୁ ନେଇ ଲୋକକଳା କଳାକାରଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ଜଣାପଡ଼ିଛି। ଏହି କର୍ମଶାଳାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ଗୋଷ୍ଠୀ କୃଷି ଅଧିକାରୀ ସୁଜିତ୍ କୁମାର ପାଢ଼ୀ, ସ୍ୱାସ୍ଥ୍ୟ ବିଭାଗର ବିପିଏମ କୈଳାସ କୁମାର ନାୟକ, ସମାଜସେବୀ ସୁନ୍ଦର ରାଓ ବାଘ, ଜିଲ୍ଲା ସଂଶାଧନ କର୍ମୀ ତଥା ବରିଷ୍ଠ କଳାକାର ଗଗନ ବିହାରୀ ସ୍ୱାଇଁ, କଲ୍ୟାଣସିଂହପୁର ବ୍ଲକ୍ ତଥା ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ବଛା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ସିଂହସାମନ୍ତ ମଞ୍ଚାସିନ ରହିଥିବାବେଳେ ଶିଶୁ ବିକାଶ ସମନ୍ୱିତ ପ୍ରକଳ୍ପ ବିଭାଗର ସୁପରଭାଇଜର ବି. ଜୟା ଲକ୍ଷ୍ମୀ, ବିପିସି ମିଶନ ଶକ୍ତି ପ୍ରିୟଙ୍କା ପ୍ରିୟଦର୍ଶିନୀ ମୂଳିଆ, ବିପିଏମ୍ (ଓଏଲ୍ଏମ) ମିର୍ ଅବଦୁଲ୍ ଫିଦା କରିମ୍, ବ୍ଲକ୍ ମଙ୍ଗଳ ବିଭାଗର ସହାୟକ ଧାର୍ମା କାଡ୍ରାକା ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ପର୍କିତ ଯୋଜନା ବିଷୟରେ ଜଣାଇଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲୋକକଳା ଦଳ ମୁଖ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିବାବେଳେ ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗର ଜୁନିଅର୍ ଆସିଷ୍ଟାଣ୍ଟ ଦୟାନିଧି ବାତ୍ରା ପରିଚାଳନା କରିଥିଲେ।

# ଆଜି ଜେକେପୁର ରାମ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ



**ଜେକେପୁର,୨୧।୧(ସମିସ):** ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ସୋମବାର ଭବ୍ୟ ରାମ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଏହି ଅବସରରେ ଜେକେପୁର ଦିନକ ପାଇଁ ହୋଇଯାଇଛି ରାମମୟ। ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ ଭକ୍ତମାନେ ସହର ପରିକ୍ରମା କରିଥିଲେ। ରାଜସ୍ଥାନରୁ ଆସିଥିବା ବୈଦିକ ବ୍ରାହ୍ମଣମାନେ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ପୂଜା ଓ ଯଜ୍ଞ ଆରମ୍ଭ କରିଛନ୍ତି। ଦେବାଳୟ ସମିତିର ମୁଖ୍ୟ ଶ୍ରୀ କମଳ କୁମାର, ମାର୍ଗଦର୍ଶନରେ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ନଗର ପରିକ୍ରମାରେ ସତ୍ୟ ସନାତନ ସଂଘର ମାନସ ରାଉତ, ମାନସ ରଞ୍ଜନ ଦାସ, ଦେବାଳୟ ସମିତିର ଏକେ ତିୱାରୀ, ବିଶ୍ୱ ହିନ୍ଦୁ ପରିଷଦର ଶକ୍ତିଧରନ, ବଜେପି ନେତା ହଳଧର ମିଶ୍ର, ଶ୍ୟାମସୁନ୍ଦର ଦାସ, ବିଦ୍ୟାଧର ପଣ୍ଡା, ବିଏମ୍ଏସର ଏସ ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ।

■ ରାଜ୍ୟସ୍ତରୀୟ ମାଷ୍ଟର୍ସ ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍

# ସିଙ୍ଗିଲ୍ସରେ ଚାମ୍ପିଅନ ହେଲେ କଳାକାର




**ସେମିଲିଗୁଡ଼ା/ସୁନାବେଡ଼ା,୨୧।୧(ସମିସ):**

କଟକ ସ୍ଥିତ ବିସିଟିସି ଏକାଡେମୀ ଖ୍ରୀଷ୍ଟ କଲେଜଠାରେ ରାଜ୍ୟସ୍ତରୀୟ ମାଷ୍ଟର୍ସ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୟନେକ୍ସ ସନରାଇଜ ଏବଂ ଓଏସବିଏ, କଟକ ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଗତ ୧୯ ତାରିଖରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ୩ ଦିନ ଧରି ଚାଲିଥିବା ଏହି ଖେଳ ବ୍ୟାଡମିଣ୍ଟନ୍ ମାଷ୍ଟର୍ସ ଖେଳାଳିମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫ରୁ ୬୦ ବର୍ଷ ବର୍ଗର ପ୍ରାୟ ୧୩୦ ମାଷ୍ଟର୍ସ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ବ୍ୟାଡମିଣ୍ଟନ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ଜିଲ୍ଲାର ପ୍ରଦୀପ ପଟ୍ଟନାୟକଙ୍କୁ କୋରାପୁଟ ଜିଲ୍ଲା ସୁନାବେଡ଼ାର କଳାକାର ପ୍ରଧାନ ମ୍ୟାଚର ଷ୍ଟ୍ରେଟ ସେଟ୍ ୨୧-୧୦ ଓ ୨୧-୧୧ରେ ହରାଇ ମାଷ୍ଟର୍ସ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ପରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱରର ଖେଳାଳି ବିଜୟ ମହାରଣାଙ୍କ ସହ ମ୍ୟାଚର ସେଟ୍ ୩ରେ ୧୮-୨୧-୨୧ ଓ ୧୨-୨୩-୨୧ରେ ପରାସ୍ତ କରି ୫୦ ପ୍ଲସ ସିଙ୍ଗଲ୍ସ ଟୁର୍ଣ୍ଣାମେଣ୍ଟରେ ବିଜେତା ହୋଇଥିଲେ କଳାକର ପ୍ରଧାନ। ଶ୍ରୀ ପ୍ରଧାନ ବ୍ୟାଡମିଣ୍ଟନ ଖେଳରେ ରାଜ୍ୟ ଓ ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ବହୁ କୃତିତ୍ୱ ଅର୍ଜନ କରିବା ସହ ଓଡ଼ିଶା ତଥା କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ଅସାଧାରଣ କୃତିତ୍ୱ ପାଇଁ ସୁନାବେଡ଼ାର ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟୁଛି। ଚାମ୍ପିଅନ୍ସ ଟ୍ରଫି ପ୍ରଦାନବେଳେ ମୁଖ୍ୟ ଅତିଥି ଭାବେ ସିନେ ଅଭିନେତା କୁନା ତ୍ରିପାଠୀ, କଟକ ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ କମଳ ଦାସଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ରହି ବିଜେତାକୁ ଟ୍ରଫି ପ୍ରଦାନ କରିଥିଲେ।

# ଡବ୍ଲ୍ୟୁଜେୟୁର କାର୍ଯ୍ୟକାରିଣୀ ବୈଠକ




**ନବରଙ୍ଗପୁର,୨୧।୧(ସମିସ):** ନବରଙ୍ଗପୁର ୱାର୍କିଂ ଜର୍ଣ୍ଣାଲିଷ୍ଟ ୟୁନିଅନ୍ (ଡବ୍ଲ୍ୟୁଜେୟୁ) ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲକ୍ଷ୍ମୀ ଚନ୍ଦ୍ର ଦାଶ ପ୍ରେସ୍ କ୍ଲବଠାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସଭାପତି ପି. ପ୍ରକାଶ ଅଧ୍ୟକ୍ଷତା କରିଥିବାବେଳେ ଏହି ଜିଲ୍ଲାର ସମସ୍ତ ବ୍ଲକରୁ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟତଃ ସଂଘର ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା ହେବା ସହ ଖବର ସଂଗ୍ରହବେଳେ ଉପୁଜୁଥିବା ବିଭିନ୍ନ ପ୍ରତିବନ୍ଧକକୁ ନେଇ ଏକ କର୍ମଶାଳା ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ସଂଘର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ମିଶ୍ର, ସଂଘର ଉପସଭାପତି କିଶୋର ପଟ୍ଟନାୟକ, ସଂଘର ସାଧାରଣ ସମ୍ପାଦକ ଏ. ସତୀଶ, ସଂଗଠନ ସମ୍ପାଦକ ଶୁଶାନ୍ତ କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ସ୍ୱାଧୀନ ପଣ୍ଡା, କାହ୍ନୁ ଚରଣ ନନ୍ଦିଆ, କୋଷାଧ୍ୟକ୍ଷ ରବି ନାରାୟଣ ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦସ୍ୟ ନବଘନ ବିଷୋୟୀ, ଗୌରାଙ୍ଗ ପାତ୍ର, କିରଣ ପଟ୍ଟନାୟକ, ଶ୍ରୀଧର ପାତ୍ର, ସୁକାନ୍ତ କୁମାର ରଥ, ଅଜିତ ନାୟକ, ରାମ ଦଳେଇ, ସିଏଚ୍ ଈଶ୍ୱର ରାଓ, ସାଇ କ୍ରିଷ୍ଣା, ମଧୁସୂଦନ ସାହୁ, କରେସ ଉପାଶି, ଦେବୀ ପ୍ରସାଦ ପଟ୍ଟନାୟକ, କେ. ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ୫୬ ୟୁନିଟ୍ ରକ୍ତ ସଂଗ୍ରହ

**ସେମିଲିଗୁଡ଼ା,୨୧।୧(ସମିସ):** କୋରାପୁଟ ସେମିଲିଗୁଡ଼ା ନିକଟସ୍ଥ କୁତୁଗାଁ ଛକ ନିକଟରେ ଥିବା ଭାରତମାଳା ପ୍ରକଳ୍ପ ନିର୍ମାଣ କରୁଥିବା ଏଚଜି ଇନଫ୍ରା ଇଞ୍ଜିନିୟରିଂ ଲିମିଟେଡ୍ କମ୍ପାନୀର ୨୨ତମ ସ୍ଥାପନା ଦିବସ ଅବସରରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କମ୍ପାନୀର ଭାଇସ ପ୍ରେସିଡେଣ୍ଟ ଏ. ଲବ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ୫୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ଲାନିଂ ବିଭାଗର ଅତିରିକ୍ତ ମହାପ୍ରବନ୍ଧକ ଅମ୍ଳାନ ମାଇତି, ଡିଜିଏମ୍ ଟି. ଗୋପାଳ କ୍ରିଷ୍ଣା, ମାନବ ସମ୍ବଳ ବିଭାଗ ବରିଷ୍ଠ ପ୍ରବନ୍ଧକ ଦେବାଶିଷ ପ୍ରଧାନ, ଲିୟାସନ ବିଭାଗର ବରିଷ୍ଠ ପ୍ରବନ୍ଧକ ବିଶ୍ୱରଞ୍ଜନ ମେସୁଆ, ନରେଶ ନାହାକ, ସୁରକ୍ଷା ବିଭାଗ ପ୍ରବନ୍ଧକ ସୌମ୍ୟତପନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ନାଗେଶ୍ୱରୀ ପାହାଡ଼ରେ ଖଣିଖନନ ପ୍ରସଙ୍ଗ

# ସର୍ଭେ କାର୍ଯ୍ୟବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ନନ୍ଦପୁର,୨୧।୧(ସମିସ)**



କୋରାପୁଟ ନନ୍ଦପୁର ବ୍ଲକର ବାଲଦା ସ୍ଥିତ ନାଗେଶ୍ୱରୀ ପାହାଡ଼ରେ ଖଣିଖନନ ନେଇ ରବିବାର କଳିଙ୍ଗ ଆଲୁମିନା ଲିମିଟେଡ୍ ପକ୍ଷରୁ ପାହାଡ଼ରେ ସର୍ଭେ କାର୍ଯ୍ୟ ଚାଲିଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିବା ନଜରକୁ ଆସିଥିଲା। ତେବେ ପୁଲିସର ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁସାରେ, ରବିବାର ନାଗେଶ୍ୱରୀ ପାହାଡ଼ରେ କମ୍ପାନୀ ପକ୍ଷରୁ ସର୍ଭେ ଚାଲିଥିବା ସମୟରେ ପାହାଡ଼ର ସୁରକ୍ଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିଭକ୍ତ ହୋଇ ଗଢ଼ିଉଠିଥିବା ଦୁଇ ଗୋଷ୍ଠୀ ସର୍ଭେ ସ୍ଥଳରେ ପହଞ୍ଚି କାର୍ଯ୍ୟକୁ ବିରୋଧ କରିଥିଲେ। ସର୍ଭେ କାର୍ଯ୍ୟ ନ କରିବା ପାଇଁ ବନ ସୁରକ୍ଷା କମିଟି ସହ ସ୍ଥାନୀୟ କିଛି ଗୋଷ୍ଠୀ ବ୍ୟକ୍ତିବିଶେଷ ପୂର୍ବରୁ ପ୍ରୟାସ କରିଆସୁଥିବାବେଳେ ରବିବାର ତାହା ଏକ ଉତ୍ତେଜନାର ରୂପ ନେଇଥିଲା। ସର୍ଭେ କାର୍ଯ୍ୟ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ପ୍ରକାର ସହାୟତା ଯୋଗାଇବାକୁ ଗ୍ରାମର ଗୋଟିଏ ଗୋଷ୍ଠୀ ବିରୋଧ କରି ସର୍ଭେ ସ୍ଥଳରେ ପହଞ୍ଚି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀ ପହଞ୍ଚି କମ୍ପାନୀ ସପକ୍ଷରେ ଜିନ୍ଦାବାଦ ନାରା ଦେଇଥିଲେ। ଯାହାଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ସହ ଉତ୍ତେଜନା ଆରମ୍ଭ ହୋଇଥିଲା। ପରେ ପାଡୁଆ ଥାନା ଏସ୍ଆଇ ହିମାଂଶୁ ଶେଖର ବେନିଆ ଏକ ପୁଲିସ ଦଳ ନେଇ ପାହାଡ଼ ଉପରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବୁଝାସୁଝା ପରେ ଉଭୟ ଗୋଷ୍ଠୀ କମ୍ପାନୀର ସର୍ଭେ କାର୍ଯ୍ୟରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ଶିବିର ଉଦ୍‌ଯାପିତ

**ନବରଙ୍ଗପୁର,୨୧।୧(ସମିସ):**




ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅନ୍ତର୍ଗତ ଭୈରବ ସ୍ନାତକ ମହାବିଦ୍ୟାଳୟଠାରେ ଆୟୋଜିତ ହୋଇଥିବା ତ୍ରିଦିବସୀୟ ଯୁବ ରେଡକ୍ରସ ତାଲିମ୍ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଡ. ଅମୃତ କୁମାର ରାହୁଲ, ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କରନାଥ ବିଶ୍ୱାଳ, ଜିଲ୍ଲା ଯୁବ ରେଡକ୍ରସ ସମ୍ପାଦକ ଅଧ୍ୟାପକ ଦିଲ୍ଲୀପ ହୋତା, ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଖିଳ କୁମାର ଭଟ୍ଟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲାବେଳେ ଅଧ୍ୟାପିକା ଉର୍ମିଳା ବ୍ରହ୍ମା ମଞ୍ଚ ସଂଯୋଜନା କରିଥିଲେ। ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟର ପ୍ରାୟ ୧୦୦ ସ୍ୱେଚ୍ଛାସେବୀ ଓ କାଉନସିଲର ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ରେଡକ୍ରସ୍ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଗ୍ରହଣ କରିଥିଲେ। ମାନବ ସେବା ହିଁ ମାଧବ ସେବାକୁ ଆଧାର କରି ପ୍ରତିଷ୍ଠା ହୋଇଥିବା ରେଡକ୍ରସ ଏକ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ତାଲିମ ଶିବିରରେ ଯୋଗଦେଇ ଜୀବନରେ ସମାଜସେବା ଭଳି ଏକ ମହାନ କାର୍ଯ୍ୟକୁ ଆଦରି ନେବା ପାଇଁ ସମସ୍ତଙ୍କୁ ମଞ୍ଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ମଞ୍ଚାସୀନ ଅତିଥିମାନେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପିକା ମନୀଷା ସରକାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କ ଡେପୁଟେସନ୍ ନିର୍ଦ୍ଦେଶକୁ ଫୁ

# ତୁରନ୍ତ ରିଲିଭ୍ ପାଇଁ ସିଡିଓଙ୍କୁ ସରପଞ୍ଚ ଓ ସମିତିସଭ୍ୟଙ୍କ ଦାବିପତ୍ର



**ରାୟଗଡ଼ା,୨୧।୧(ସମିସ)**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଓ ବ୍ଲକରେ ସରକାରଙ୍କ ସାମଗ୍ରିକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଏବଂ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ସୂଚାରୁ ରୂପେ ପରିଚାଳନା ପାଇଁ ଜିଲ୍ଲାପାଳ ଉଭୟ ବ୍ଲକର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଏଇଇ)ଙ୍କୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଚିଠି ଅନୁଯାୟୀ ଡେପୁଟେସନ୍ କରାଯାଇଥିବା ନିର୍ଦ୍ଦେଶ ଜାରି କରିଥିଲେ। ଏଥିରେ ରାୟଗଡ଼ା ବ୍ଲକ୍ ଏଇଇ ଏ.ସନମୁଖା ପାତ୍ରଙ୍କୁ କଲ୍ୟାଣସିଂହପୁର ଏବଂ ବ୍ଲକ୍ ଏଇଇ ସବ୍ୟସାଚୀ ନାୟକଙ୍କୁ ରାୟଗଡ଼ା ବ୍ଲକକୁ ଡେପୁଟେସନ୍ କରାଯାଇଥିଲା। ରାୟଗଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିର୍ଦ୍ଦେଶ ଚିଠିରେ ୧୧ ଡିସେମ୍ବର ଅପରାହ୍ଣ ସୁଦ୍ଧା ଉଭୟ ବ୍ଲକର ଏଇଇ ଦ୍ୱୟଙ୍କୁ ରିଲିଭ୍ କରିବା ପାଇଁ ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ କରିଥିବାବେଳେ ଆଜକୁ ୪୨ଦିନ ଅର୍ଥାତ୍ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଜିଲ୍ଲାପାଳଙ୍କ ଡେପୁଟେସନ୍ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇନାହିଁ। ଏହାକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ଫୁ' କରିଦେଇଥିବା ସ୍ପଷ୍ଟ ବାରିହେଉଛି। ଉଭୟ ଏଇଇ ନିଜ ନିଜ ବ୍ଲକ୍ କାର୍ଯ୍ୟାଳୟରୁ ରିଲିଭ୍ ହେଲେନାହିଁ। କଲ୍ୟାଣସିଂହପୁର ବ୍ଲକରେ ବିଡିଓ ନୂତନ ଭାବେ ଯୋଗଦେଇଥିବା ବେଳେ ୨ଜଣ କନିଷ୍ଠ ଯନ୍ତ୍ରୀ ମଧ୍ୟ ନୂତନ ଭାବେ ନିଯୁକ୍ତ ହୋଇଛନ୍ତି। ନୂତନ ଭାବେ ବ୍ଲକରେ ୩ ଜଣ ଯୋଗ ଦେଇଥିବାବେଳେ ପୁରୁଣା କର୍ମଚାରୀ ଏଇଇ ଶ୍ରୀ ନାୟକ ଯଦି ଡେପୁଟେସନରେ ଚାଲିଯାଆନ୍ତି ତାହା ହେଲେ ବିକାଶମୂଳକ କାର୍ଯ୍ୟକାରିତାରେ ନିଶ୍ଚିତ ଭାବେ ଅସୁବିଧା ଉପୁଜିବ ବୋଲି ବିଡିଓ ରାଜୀବ ଦାସ ପ୍ରକାଶ କରିଛନ୍ତି। ଏଇଇ ଶ୍ରୀ ନାୟକଙ୍କ ଡେପୁଟେସନ୍ ବିଷୟରେ ସେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ(ସିଡିଓ) ନିହାର ରଞ୍ଜନ କହଁରଙ୍କୁ ଅବଗତ କରାଇଥିବା କହିଛନ୍ତି। ତେବେ ରାୟଗଡ଼ା ବ୍ଲକରେ ଥିବା ଏଇଇ ଶ୍ରୀ ପାତ୍ରଙ୍କ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟରେ ଉଦ୍ଦେଶ୍ୟମୂଳକ ବିଳମ୍ବତା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଯୋଗୁଁ ପଞ୍ଚାୟତଗୁଡ଼ିକରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ବିଲିଂ କାର୍ଯ୍ୟ ସମାପ୍ତ ନ ହୋଇ ପଡ଼ିରହୁଛି ବୋଲି ଅଭିଯୋଗ ଆଣିଛନ୍ତି ସରପଞ୍ଚ ଓ ସମିତି ସଭ୍ୟମାନେ। ଏ ନେଇ ଶନିବାର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ଶ୍ରୀ କହଁରଙ୍କୁ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଦାବିପତ୍ର ପ୍ରଦାନ କରି ଏଇଇ ଶ୍ରୀ ପାତ୍ରଙ୍କୁ ବ୍ଲକରୁ ତୁରନ୍ତ ରିଲିଭ୍ ଏବଂ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଛନ୍ତି। ଏଇଇ ଶ୍ରୀ ପାତ୍ରଙ୍କ ଉଦ୍ଦେଶ୍ୟମୂଳକ ବିଳମ୍ବତା କାରଣରୁ କନିଷ୍ଠ ଯନ୍ତ୍ରୀମାନଙ୍କ ମଧ୍ୟରେ କାର୍ଯ୍ୟ ଦକ୍ଷତା ହ୍ରାସ କରିବାରେ ମଧ୍ୟ ସହାୟକ ହେଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

ସଡ଼କ, ପରିମଳ ସୁବିଧା ଏବଂ ଜଳ ଯୋଗାଣ ପ୍ରକଳ୍ପ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟର ଅସମ୍ପୂର୍ଣ୍ଣତାର ପରିଣାମ ବ୍ଲକ ବାସିନ୍ଦାଙ୍କ ଜୀବନ ଓ କଲ୍ୟାଣ ଉପରେ ପ୍ରଭାବ ପକାଉଛି। ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ସମାପ୍ତ ହେବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ସାଜିଛନ୍ତି। ଏଇଇ ଏବଂ ଅଞ୍ଚଳର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧିରେ ବାଧା ସୃଷ୍ଟି ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେବେ ଏଇଇ ଶ୍ରୀ ପାତ୍ରଙ୍କୁ ଡିସେମ୍ବର ମାସରେ ହିଁ ରିଲିଭ୍ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ କରିଥିବାବେଳେ ରାୟଗଡ଼ା ବିଡିଓ କାହିଁକି ତାଙ୍କୁ ରିଲିଫ କରିନାହାନ୍ତି ବୋଲି ପ୍ରଶ୍ନ ଉଠିଥିବା। ଏନେଇ ରାୟଗଡ଼ା ବିଡିଓଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ତୁରନ୍ତ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟରୁ ଏଇଇଙ୍କୁ ତାଙ୍କ କାର୍ଯ୍ୟରୁ ମୁକ୍ତ କରିବାରେ ହସ୍ତକ୍ଷେପ କରିବାକୁ ସରପଞ୍ଚ ଅଶୋକ କୁମାର ପୁଆଲା, ଟୁଟୁ ତାଡ଼ିଙ୍ଗି, ସୁଶିଲା ପୁଆଲା, ଶ୍ରୀନୁ ପୁଆଲା, କାମେଶ୍ୱର ତାଡ଼ିଙ୍ଗି, ସମିତି ସଭ୍ୟ ଭୂଷଣ ବିଡିକାଙ୍କ ସମେତ ଅନ୍ୟମାନେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଗ୍ରାମ ପଞ୍ଚାୟତର ମୁଖ୍ୟ ସରପଞ୍ଚ ଓ ସମିତି ସଭ୍ୟମାନେ ଏଇଇଙ୍କ ବିରୁଦ୍ଧରେ ଆଣିଥିବା ଅଭିଯୋଗ ଏବଂ ତୁରନ୍ତ ରିଲିଭ୍ ପାଇଁ କରିଥିବା ଅନୁରୋଧକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କେତେ କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ୩୯୨ ଛାତ୍ରଛାତ୍ରୀ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା




**ନନ୍ଦପୁର,୨୧।୧(ସମିସ):** ଜବାହର ନବୋଦୟ ବିଦ୍ୟାଳୟରେ ନାମଲେଖା ନିମନ୍ତେ ନନ୍ଦପୁର ବ୍ଲକର ଦୁଇ ପରୀକ୍ଷା କେନ୍ଦ୍ରରେ ମୋଟ ୩୯୨ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଥିବା ସୂଚନା ମିଳିଛି। ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୨ରୁ ୧୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେହିପରି ନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୪୦ରୁ ୨୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ତେବେ ବ୍ଲକର ମୋଟ ୩୫୮ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବାବେଳେ ସେଥି ମଧ୍ୟରୁ ୩୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଦୁଇ ପରୀକ୍ଷା କେନ୍ଦ୍ରକୁ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ପ୍ରତିମା ଜେନା ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା ଶିବିର




**ବୈପାରୀଗୁଡ଼ା,୨୧।୧(ସମିସ):** ସ୍ଥାନୀୟ ପ୍ରୟାସ ସଭାଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଏନ୍‌ଆର ଇଣ୍ଡିଆ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବୈପାରୀଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ସମାଜସେବୀ, ବୁଦ୍ଧିଜୀବୀ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ତଥା ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ଅଧ୍ୟାପିକା, ସର୍ଚ୍ଚ ଅନୁଷ୍ଠାନ ସମ୍ପାଦିକା, ପାରା ଲିଗାଲ ଭୋଲ୍ୟୁଣ୍ଟର ଯୋଗଦେଇଛନ୍ତି। କୋରାପୁଟରେ ମୁଖ୍ୟତଃ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା, ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ହେଉଥିବା ଅତ୍ୟାଚାର ଇତ୍ୟାଦିର କିପରି ଆଇନଗତ ସହାୟତା ମିଳିପାରିବ ତାହାକୁ ଆଧାର କରି ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସିଏସ୍‌ଏନ୍‌ଆର୍ ଭୁବନେଶ୍ୱରରୁ ଡାନି ବାବୁ, ଓକିଲ ଅଜୟ କୁମାର ଖୋସଲା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ସଭାପତିତ୍ୱ କରିବା ସହ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ ଯୋଗଦେଇଥିଲେ।

# ଆଦିବାସୀଙ୍କ ବିଶ୍ୱାସର ପରବ 'ଟୋକିମରା' ଉଦ୍‌ଯାପିତ



**କାଶୀପୁର,୨୧।୧(ସମିସ)**

ଦୁନିଆରେ ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମଣିଷ କେଉଁଠି ମାଟିକୁ ପଣ୍ୟ କରିଦେଉଛି ତ ଆଉ କେଉଁଠି ମାଟିକୁ ଦେବତା ଆଖ୍ୟା ଦେଇ ତା' ସମ୍ମୁଖରେ ରକ୍ତର ପ୍ରଣତି ବାଢୁଛି। ଓଡ଼ିଶାର ଉପାନ୍ତ ଦକ୍ଷିଣାଞ୍ଚଳରେ ମାଟି ଦେବତାର ପୂଜା ପାଇଁ ଆଜି ବି ବୀଭତ୍ସ ବଳି ପ୍ରଥା ରହିଛି। ଯାହାର ଏକ ପ୍ରତିଛବି ହେଉଛି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ଟୋକିମରା ପରବ। ଟୋକିମରା ପରବ ନାମରେ ମାଟିଦେବତାର ପୂଜା ଏହି ଅଞ୍ଚଳର ଏକ ନିଆରା ପରମ୍ପରା। ବିଚିତ୍ର ବିଶ୍ୱାସ ମଧ୍ୟ ଲୋମହର୍ଷଣକାରୀ ପୂଜାବିଧି। ଯୁଗଯୁଗ ଧରି ଜିଲ୍ଲାର କାଶୀପୁର ବ୍ଲକରେ ପୌଷ ମାସ ଶେଷ ରବିବାର ଏହି ପର୍ବ ପାଳନ କରାଯାଏ। ଭଲ ଫସଲ ଅମଳ ଏବଂ ଘରେ ରିଦ୍ଧି ଓ ସିଦ୍ଧି ବୃଦ୍ଧି ପାଇଁ ମୁଖ୍ୟତଃ ଏହି ଅଞ୍ଚଳର ଝୋଡ଼ିଆ, ପରଜା, ପେଙ୍ଗ ସମ୍ପ୍ରଦାୟର ଲୋକ ଏହି ପର୍ବ ପାଳନ କରୁଛନ୍ତି। ଏହା ଦ୍ୱାରା ସକଳ ସିଦ୍ଧି ଲାଭ ହୋଇଥାଏ ବୋଲି ସେମାନଙ୍କ ମନରେ ଅତୁଟ ବିଶ୍ୱାସ ରହିଛି। ମାଟି ଦେବତା ଓ ନିଜ ଗ୍ରାମର ଇଷ୍ଟ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଦିମ କାଳରୁ ଏହି ପରବ ପାଳିନ କରିଆସୁଛନ୍ତି। ପୂର୍ବରୁ ଟୋକିମରା ପରବ ଅର୍ଥାତ ଦେବତାଙ୍କ ଉଦ୍ଦେଶ୍ୟରେ ଜଣେ ଯୁବତୀଙ୍କୁ ଉତ୍ସର୍ଗ କରାଯାଇ ତାକୁ ବଳି ଦିଆଯିବାର ପର୍ବ। ସମୟ ପରିବର୍ତ୍ତନ ହେବା ସହ ମଣିଷ ବଳି ପ୍ରଥା ଯଦିଓ ବନ୍ଦ ହୋଇଯାଇଛି କିନ୍ତୁ ବର୍ତ୍ତମାନ ସୁଦ୍ଧା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ରାଜାରାଜୁଡ଼ା ଶାସନ କାଳରେ କାଶୀପୁର ଅଞ୍ଚଳକୁ ୬ଟି ବିଶିରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ବିଶିରେ ଅଛନ୍ତି ୧୨ରୁ ୧୫ ଗାଁ। ଏହି ପର୍ବ ଦୀର୍ଘ ୬ ଦିନ ଧରି ପାଳନ କରାଯାଉଛି। ରାଜାରାଜୁଡ଼ା ଶାସନ କାଳରେ ପରବ ପାଇଁ ଏକ ମାସ ପୂର୍ବରୁ ଜଣେ କିଶୋରୀଙ୍କୁ ବରଣ କରାଯାଉଥିଲା। କିନ୍ତୁ ଏବେ କିଶୋରୀ ବଦଳରେ ଏକ ମେଣ୍ଢାକୁ ବରଣ କରାଯାଉଛି। ବିଶିର କେଉଁ ଗ୍ରାମରେ ଏହି ପର୍ବ ପାଳନ କରାଯିବ ସ୍ଥାନୀୟ ରାଜା ଧାର୍ଯ୍ୟ କରୁଥିଲେ। ଏବେ ଗ୍ରାମର ଦିଶାରୀ, ଜାନି, ମୁଦୁଲି ଓ ଗଉଁତିଆ ପରବର ନିର୍ଦ୍ଧାରଣ କରୁଛନ୍ତି।

# ଆଜି ରାମମୟ ହେବ ଗୁଣୁପୁର

**ଗୁଣୁପୁର,୨୧।୧(ସମିସ):** ଗୁଣୁପୁର ସହରକୁ ସୋମବାର ରାମମୟ କରାଯିବ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଶ୍ରୀରାମ ମନ୍ଦିର ଗୁଣପୁରଠାରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ହୋମ ଯଜ୍ଞ, ମହିଳାଙ୍କ ଦ୍ୱାରା ଦାଣ୍ଡିଆ ନାଚ ଓ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୪ଟା ସମୟରେ ଏକ ଭବ୍ୟ ବାଇକ୍ ରାଲି ଶ୍ରୀରାମ ମନ୍ଦିରରୁ ବାହାରି ସହର ପରିକ୍ରମା କରି ପୁଣି ରାମ ମନ୍ଦିରରେ ପହଞ୍ଚିବ। ଗୁଣୁପୁରର ସହରରେ ଥିବା ସମସ୍ତ ମନ୍ଦିରକୁ ଉତ୍ସବ ମୁଖର କରାଯିବ। ପୁରୁଣା ବସଷ୍ଟାଣ୍ଡ ପରିବା ବଜାରରେ ଏକ ୧୪ଫୁଟର ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ ଓ ହୋମ ଯଜ୍ଞର ଆୟୋଜନ ହେବ। ପୁରୁଣା ବସଷ୍ଟାଣ୍ଡ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପ୍ରସାଦ ସେବନ, ସେବା ସମାଜ ଗୁଣୁପୁର ଓ ବାଳନିକେତନ ଶିଶୁମାନଙ୍କ ଦ୍ୱାରା ସାମୂହିକ ରାମାୟଣ ଓ ହନୁମାନ ଚାଳିଶା ପଠନ କରାଯିବ। ଗ୍ରାମ ଦେବୀ ମନ୍ଦିର ନିକଟରେ ବଡ଼ ପରଦାରେ ଅଯୋଧ୍ୟା କାର୍ଯ୍ୟକ୍ରମର ପ୍ରଦର୍ଶନ ଓ ସନ୍ଧ୍ୟା ସମୟରେ ସାମୂହିକ ଦ୍ୱୀପ ପ୍ରଜ୍ୱଳନ କରାଯିବ। ସମଗ୍ର ଗୁଣୁପୁରରେ ଆମିଷ ଓ ମଦ ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ପୋଙ୍ଗଲ ଅବସରରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ



**ତେନ୍ତୁଲିଖୁଣ୍ଟି,୨୧।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଆନନ୍ଦ ଉଲ୍ଲାସର ସହ ମକର ସଂକ୍ରାନ୍ତି ଓ ପୋଙ୍ଗଲ ଉତ୍ସବ ପାଳିତ ହୋଇଯାଇଛି। ସେଥିପାଇଁ ଦିଗି ପଞ୍ଚାୟତ ଅନ୍ତର୍ଗତ ଚରାମୂଳା ଗ୍ରାମରେ ପୋଙ୍ଗଲ ଅବସରରେ ଏକ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଭେଟଘାଟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକଙ୍କ ସହ ଧର୍ମିଣୀ କୌଶଲା ପ୍ରଧାନୀ, ବ୍ଲକ୍ ଅଧ୍ୟକ୍ଷା ନିଁଲେନ୍ଦ୍ରି ନାୟକ, ଜିଲ୍ଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ବ୍ଲକ୍ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଯୁବନେତା ଅଖିଳ ଭତରା ଓ ସୁଧୀର ଖୁରା ପ୍ରମୁଖ ମଞ୍ଚାସୀନ ଥିଲେ। ଚରାମୂଳା ଗ୍ରାମର ବରିଷ୍ଠ ବିଜେଡି ନେତା ପି. ନାଗେଶ୍ୱର ରାଓ ମଞ୍ଚ ପରିଚାଳନା କରିଥିବା ବେଳେ ଡା. ଜଗନ୍ନାଥ ରାଓ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ କୌଶଲା ପ୍ରାଧନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



**ଟିକିରି,୨୧।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରିଠାରେ ଅଯୋଧ୍ୟାସ୍ଥିତ ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ରବିବାର ରାମ ନାମରେ କମ୍ପି ଉଠିଥିଲା ପରିବେଶ। ଟିକିରି ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ପୋଖରୀରୁ ଶତାଧିକ ମହିଳା କଳସ ଯାତ୍ରାରେ ବାହାରି ଟିକିରି ସ୍ଥିତ ହନୁମାନ ଗିରି ପାହାଡ଼ ଉପରେ ଥିବା ହନୁମାନ ମନ୍ଦିରରେ ପହଞ୍ଚି ଥିଲେ। ଏଠାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଯାପିତ




**ନନ୍ଦପୁର,୨୧।୧(ସମିସ):** ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ଶୀତକାଳୀନ ସାତଦିନିଆ ସ୍ୱତନ୍ତ୍ର ଶିବିର ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ପୋଷ୍ୟ ଗ୍ରାମ ଗେରୁପୁଟଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଶିବିରରେ ୫୦ ଜଣ ଶିବିରାର୍ଥୀ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ପରିଦର୍ଶନରେ ଆସି ଶିବିରାର୍ଥୀମାନଙ୍କୁ ସାମାଜିକ ମୂଲ୍ୟବୋଧ ଉପରେ ଦିଗଦର୍ଶନ ଦେଇଥିଲେ। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଗାଁ ମୁଖିଆ ଡମ୍ବରୁ ଦୋରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ହନ୍ତାଳ ଶିବିରକୁ ପରିଚାଳନା କରିଥିଲାବେଳେ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟିକିରି,୨୧।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ପଟ୍ଟନାୟକଙ୍କୁ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ ଛାତ୍ର, ଶିକ୍ଷକଶିକ୍ଷୟିତ୍ରୀମାନେ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଜଣେ ମିଷ୍ଟଭାଷୀ, ମେଳାପୀ, ଛାତ୍ରବତ୍ସଳ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିଜ ପୁଅ ଝିଅ ଭଳି ଦେଖୁଥିଲେ। ତାଙ୍କ କାର୍ଯ୍ୟକାଳରେ ଅନେକ ଗରିବ ଛାତ୍ରଛାତ୍ରୀଙ୍କୁ ନିଜ ପଇସାରେ ପାଠ୍ୟପୁସ୍ତକ ଓ ସ୍କୁଲ ଫି' ମଧ୍ୟ ଦେଇଥିଲେ। ଛାତ୍ରଛାତ୍ରୀମାନେ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ପୂର୍ବତନ ଛାତ୍ର ତଥା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରଞ୍ଜିତ ଦାସ ଓ ପଙ୍କଜ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ପୂର୍ବତନ ଛାତ୍ରଛାତ୍ରୀ ମଧ୍ୟରେ ସତ୍ୟନାରାୟଣ ରଥ, ସରୋଜ ସାହୁ, ତାପସ ଷଡ଼ଙ୍ଗୀ, ଭୂବନୀ ନାୟକ, ମହେନ୍ଦ୍ର ଚୌଧୁରୀ, ହୃଷୀକେଶ ସାହୁ, ଜଗନ୍ନାଥ ନାୟକ, ଗୀତାଞ୍ଜଳି ସାହୁ, ନିକା ଦଣ୍ଡସେନା, କେ. ଗାୟତ୍ରୀ, ସୁଜ୍ଞାନୀ ମିଶ୍ର, ନୀଳାଞ୍ଚଳ ପାତ୍ର, ବାଲା ନାଏକ, ପିଙ୍କି ପଣ୍ଡା, ଅଶୋକ ସାହୁ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଜଗନ୍ନାଥପଲ୍ଲୀ ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

# 'ମାତୃଭାଷା ବଞ୍ଚିଲେ ଜାତିର ଉନ୍ନତି ଘଟିବ'



**ମାଲକାନଗିରି,୨୧।୧(ସମିସ):** ସ୍କୁଲ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ମାଲକାନଗିରି ବ୍ଲକସ୍ଥ ଏମଭି ୭ ଜଗନ୍ନାଥପଲ୍ଲୀ '୫-ଟି' ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହେବା ସହିତ ଜିଜ୍ଞାସା କ୍ଲବ୍ ଗଠନ ହୋଇଛି। ମାତୃଭାଷା ବଞ୍ଚିଲେ ଜାତିର ଉନ୍ନତି ଘଟିବ ଏବଂ ଓଡ଼ିଆ ଭାଷାର ପ୍ରଚାରପ୍ରସାର ହେଲେ ସାହିତ୍ୟର ବିକାଶ ଘଟିବ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ. ଈଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତମସା ସରପଞ୍ଚ ଗୀତା ପଡ଼ିଆମୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ, ସମ୍ମାନିତ ଅତିଥି ଭାବେ ଡ. ପ୍ରପତି ମହାରଣା, ସିଆରସିସି ଚିତ୍ତରଞ୍ଜନ ସରକାର, ବିଦ୍ୟାଳୟ କମିଟି ସଭାପତି ଅବନିଷ ମଣ୍ଡଳ, ବିଜୟ କୁମାର ବିଶ୍ୱାସ, ବିକାଶ ବୈରାଗୀ, ଶ୍ୟାମଳି ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି କହିଥିଲେ ରାଜ୍ୟ ସରକାର ବର୍ତ୍ତମାନ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ଲାଗି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସାହିତ୍ୟସୃଜନୀକୁ ପ୍ରୋତ୍ସାହିତ କରିବା ଅତି ଗୌରବର ବିଷୟ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସ୍ୱରଚିତ ଗଳ୍ପ ଓ କବିତା ଆବୃତ୍ତି କରିବା ସହିତ ଚିତାକର୍ଷକ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାହିତ୍ୟସୃଜନୀର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଖୁସି ପ୍ରକଟ କରିଥିଲେ। ସାହିତ୍ୟସୃଜନୀ, ପୁସ୍ତକ ସମୀକ୍ଷା, ପ୍ରାଚୀର ପତ୍ର, କୌଶଳୀ, ଜିଜ୍ଞାସା, କ୍ରୀଡ଼ାଙ୍ଗନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୮ମ ଓ ୯ମ ଶ୍ରେଣୀର ୫୨୮ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶକୁନ୍ତଳା ସ୍ୱାଇଁ, ଶିକ୍ଷକ ଅଜୟ କୁମାର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର, ସନ୍ତୋଷ କୁମାର ପାତ୍ର, ଜଗନ୍ନାଥ ସାହୁ, ଜଗଦୀଶ ମଲାଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।



## ସହରରେ ମନ୍ଦିର ସଫେଇ ଶୁଭାରମ୍ଭ

■ ପ୍ରଥମ ପର୍ଯ୍ୟାୟରେ ଶ୍ରୀଚୈତନ୍ୟ ଓ ଦେବୀ ବସନ୍ତାୟୀ ମନ୍ଦିର ସଫେଇ



**ଜୟପୁର,୨୧।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ସୌରା ସାହିର ବାସିନ୍ଦାଙ୍କ ପକ୍ଷରୁ ଜୟପୁର ସହରରେ ମନ୍ଦିରଗୁଡ଼ିକର ସଫେଇ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଛି। ରବିବାର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟରାସ୍ତାରେ ରହିଥିବା ଶ୍ରୀଚୈତନ୍ୟ ମନ୍ଦିର ଏବଂ ସୌରା ସାହିସ୍ଥିତ ବସନ୍ତାୟୀ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତ୍ୟେକ ରବିବାର ସହରର ଅନ୍ୟାନ୍ୟ ମନ୍ଦିରଗୁଡ଼ିକ ସଫେଇ କରାଯିବ ବୋଲି ସଫେଇ କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ସଫେଇ କାର୍ଯ୍ୟରେ ରାଜକିଶୋର ପାଣିଗ୍ରାହୀ, ଜଗଦିଶ ସାହୁ, ନୃସିଂହ ପ୍ରସାଦ ଦାସ, ମୁରଲୀଧର ସାବତ, ମାନସ ପାଣିଗ୍ରାହୀ, ଚନ୍ଦ୍ରେଶ ରାଠୋଡ, ଗଣେଶ ପାଲ, ଦିବେଶ ପାଣିଗ୍ରାହୀ, ରାହୁଲ ପାଣିଗ୍ରାହୀ, ମଧୁଛନ୍ଦା ସାବତ, ମନିଶ ପାଣିଗ୍ରାହୀ, ଏନ୍. ଭବାନୀ, ଝୁନୁ ପଣ୍ଡା, ବୈଜୟନ୍ତୀମାଳା ପଣ୍ଡା, ଲିଲି ସାହୁ, ଶ୍ରୀଦେବୀ ମଙ୍ଗୁଳି, ସୁନାଦେଇ ପ୍ରମୁଖ ଉପସ୍ଥିତ ଥିଲେ।

## କିଶୋରୀ ମେଳା ମହାସମାରୋହ



ଡାବୁଗାଁ,୨୧।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଚଚରାଗୁଡ଼ା ଗ୍ରାମ ପଞ୍ଚାୟତ ସଦର ମହକୁମା ଅଙ୍ଗନବାଡ଼ି କେନ୍ଦ୍ରଠାରେ ଡାବୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା କିଶୋରୀ ମେଳା-୨୦୨୪ ମହାସମାରୋହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ଚଚରାଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଉପସ୍ଥିତ ରହି ଚଚରାଗୁଡ଼ା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମର ଅଙ୍ଗନବାଡ଼ି କର୍ମୀ ଓ କିଶୋରୀ ବାଳିକାମାନଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ କରାଇଥିଲେ। ମହିଳା ଓ ଶିଶୁ ବିଭାଗ ଦ୍ୱାରା ଗ୍ରାମର କିଶୋରୀମାନଙ୍କୁ ନେଇ ଏକ ବିରାଟ ରାଲି ପଞ୍ଚାୟତ ସଦର ମହକୁମା ପରିକ୍ରମା କରି ଅଙ୍ଗନବାଡ଼ି କେନ୍ଦ୍ରକୁ ଫେରିଥିଲା। ଏହାପରେ କିଶୋରୀମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟାପକ ଆଲୋଚନା ହୋଇଥିଲା। କମ୍ ବୟସରେ ବିବାହ ନ କରିବାକୁ ସଚେତନ କରାଯିବା ସହ କମ୍ ବୟସରେ ବିବାହ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ସୂଚାଯାଇଥିଲା। ବାଲ୍ୟ ବିବାହ ନିଷେଧ ଉପରେ ସଚେତନତା କରାଯିବା ସହ ଉକ୍ତ ପଞ୍ଚାୟତକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ଶପଥପାଠ କରାଯାଇଥିଲା। ଶେଷରେ କିଶୋରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ କୃତୀ କିଶୋରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ

**ପଦ୍ମପୁର,୨୧।୧(ସମିସ):** ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ କଲେଜରେ ପ୍ରବେଶ କରିଥିବା ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏଥିରେ ପ୍ରାୟ ୮୬ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। କଲେଜର ଅଧ୍ୟକ୍ଷ ଜଗଦୀଶ ସେନାପତି ମୁଖ୍ୟ ଅତିଥି ଏବଂ ସଂଯୁକ୍ତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପିକା ରଶ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ତାଲିମ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଦୁଇଜଣ ମାଷ୍ଟର ଟ୍ରେନର ଅର୍ଚ୍ଚନା ଶବର ଏବଂ ସୋନାଲି ବିଶୋୟୀ ପିଲାମାନଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ବିଦ୍ୟାବତୀ ନିମାଲୁ, ଦୀପ୍ତିମୟୀ ରଣା, ମଲ୍ଲିକେଶ୍ୱର ନାଇଡୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ରଶ୍ମିତା ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରଙ୍କ ନିର୍ଦ୍ଦେଶକୁ ଫୁ

# ଆଇଆଇସି ନିର୍ମାଣ ନିମନ୍ତେ ମିଳୁନି ୨୫ ଏକର ଜାଗା

**ରାୟଗଡ଼ା,୨୧।୧(ସମିସ):**

ରାୟଗଡ଼ା ଜିଲ୍ଲାରେ ସରକାରୀ ବିଭାଗୀୟ ଯୋଜନାରେ ଦିବ୍ୟାଙ୍ଗ ହେଉଛନ୍ତି ଉପକୃତ। ରାଜ୍ୟରେ ଦିବ୍ୟାଙ୍ଗମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ଓ ଉନ୍ନତି ସହ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବହୁ ଯୋଜନା ପ୍ରଣୟନ କରାଯାଇଛି। ଅନୁରୂପ ଭାବେ ରାୟଗଡ଼ା ଜିଲ୍ଲାରେ ମଧ୍ୟ ଦିବ୍ୟାଙ୍ଗଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲା ପ୍ରଶାସନ ସରକାରଙ୍କ ସମସ୍ତ ଯୋଜନା ଫଳପ୍ରଦ ଭାବେ କାର୍ଯ୍ୟ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ଜିଲ୍ଲାରେ ମଧ୍ୟ ସରକାରୀ ବିଭାଗୀୟ ଯୋଜନାରେ ସେମାନଙ୍କୁ ସାମିଲ କରାଯାଇ ସେମାନଙ୍କ ଦକ୍ଷତାବିକାଶ କରିବା ସହ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଉପରେ କାର୍ଯ୍ୟ କରାଯାଉଥିବାରୁ ଉପକୃତ ହେଉଛନ୍ତି ଜିଲ୍ଲାର ଦିବ୍ୟାଙ୍ଗ ବ୍ୟକ୍ତି। ରାୟଗଡ଼ାରେ ୨୫ଏକର ଜାଗାରେ ଇଣ୍ଟିଗ୍ରେଟେଡ୍ ଇନଫ୍ରାଷ୍ଟ୍ରକଚର କମ୍ପ୍ଲେକ୍ସ (ଆଇଆଇସି) ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ଜାଗା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଦିନିକିଆ ରାୟଗଡ଼ା ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରକାଶ କରିଥିଲେ। ତେବେ ଏହି କମ୍ପ୍ଲେକ୍ସ ନିମନ୍ତେ ଆବଶ୍ୟକ ପଡୁଥିବା ୨୫ଏକର ଜାଗା ନିମନ୍ତେ ବିଭାଗୀୟ ଅଧିକାରୀ ତହସିଲଦାରମାନଙ୍କୁ ଚିଠି କରିଥିଲେ ସୁଦ୍ଧା କିଛି ଉତ୍ତର ମିଳି ନ ଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏହି

**● ଉପକୃତ ହେବାରୁ ବଞ୍ଚିତ ଦିବ୍ୟାଙ୍ଗ ବ୍ୟକ୍ତି**

କମ୍ପ୍ଲେକ୍ସ ନିର୍ମାଣ ହେଲେ ବରିଷ୍ଠ ନାଗରିକ, ଦୃଷ୍ଟିବାଧିତ, ଶ୍ରବଣବାଧିତ ଓ ମାନସିକ ଭିନ୍ନକ୍ଷମ ରୋଗୀମାନଙ୍କୁ ଆଶ୍ରୟ ମିଳିପାରିବ।

ରାୟଗଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାର ଜାତୀୟ ସାମାଜିକ ସହାୟତା ଯୋଜନା (ଏନଏସଏପି)ରେ ୪୮ ହଜାର ୧୮୪ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ୨୩ ହଜାର ୮୮୦ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, ୧୮୦୦ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଆକାରରେ ସମୁଦାୟ ୭୩ ହଜାର ୮୬୪ ଜଣ ହିତାଧିକାରୀ ଉପକୃତ ହେଉଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେହିପରି ମଧୁବାବୁ ପେନସନ୍ ଯୋଜନାରେ ଜିଲ୍ଲାର ୧୧ଟି ବ୍ଲକର ୭୬ ହଜାର ୧୭୮ ଜଣ ହିତାଧିକାରୀ ଅନଲାଇନରେ ଯୋଡ଼ି ହୋଇଥିବାବେଳେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୫୦୬ ଜଣ ହିତାଧିକାରୀ ଡିବିଟି ମାଧ୍ୟମରେ ସହାୟତା ପାଇଛନ୍ତି। ଜିଲ୍ଲାରେ ୨୦୨୩ ଡିସେମ୍ବର ୩୦ ତାରିଖ ସୁଦ୍ଧା ୧୯ ହଜାର ୮୭୩ ଜଣ ଅନଲାଇନ ମାଧ୍ୟମରେ ସ୍ୱତନ୍ତ୍ର ଭିନ୍ନକ୍ଷମ ପରିଚୟ ପତ୍ର ପାଇଁ ନିଜ ନାମ ପଞ୍ଜିକୃତ କରିଥିବାବେଳେ ୧୧ ହଜାର ୮୯୨ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ୭୦୮୨ ଜଣଙ୍କ ଆବେଦନ ନାକଚ ହେବା ସହ ବଳକା ୮୯୯ ଜଣଙ୍କ ପରିଚୟ ପତ୍ର ବଣ୍ଟନ ପାଇଁ ନିର୍ଦ୍ଧାରିତ ହୋଇ ରହିଥିବା ଜଣାପଡ଼ିଛି। ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇ ଭିନ୍ନକ୍ଷମମାନଙ୍କୁ ସାମଗ୍ରୀ ବଣ୍ଟନ କରାଯାଉଛି। ସେହିପରି ଜିଲ୍ଲାରୁ ୧୦ ଜଣଙ୍କୁ ବିବାହ ପ୍ରୋତ୍ସାହନ ଆର୍ଥିକ ରାଶି ବଣ୍ଟନ କରାଯାଇଥିବାବେଳେ ସ୍ୱୀକୃତି ଯୋଜନାରେ ୧୮୩ ଜଣ କିନ୍ନରଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ୧୨ଟି ଏସଏଚଜି ଗ୍ରୁପ୍ ଗଠନ କରାଯାଇଥିବାବେଳେ କିନ୍ନର ପ୍ରମାଣ ପତ୍ର ନିମନ୍ତେ ୧୪୫ ଜଣ ଆବେଦନ କରିଛନ୍ତି। ଏଥିସହ ୧୦୨ ଜଣ କିନ୍ନରଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୪୬୧ ଜଣଙ୍କୁ ବାଣିଶ୍ରୀ ବିଦ୍ୟାବୃତ୍ତି ପ୍ରଦାନ କରାଯାଉଥିବାବେଳେ ଯୁକ୍ତ ୩ ତଥା ତଦୁର୍ଦ୍ଧ୍ୱ ପାଠ ପଢୁଥିବା ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ଥିବା ଦୃଷ୍ଟିବାଧିତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ କରାଯାଇଥିବା ନେଇ ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେହିପରି ୧୯ଜଣ ହିତାଧିକାରୀଙ୍କୁ ଡିଆରଆଇ ଲୋନ ବାବଦକୁ ୨ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କ ବିକାଶ ନିମନ୍ତେ ଅନେକ ସରକାରୀ ଯୋଜନା ପ୍ରଣୟନ କରୁଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନାଗୁଡ଼ିକ କିପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସବୁବେଳେ ସଜାଗ ହୋଇ ରହିଛି ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସୀମାଞ୍ଚଳ ମହାପାତ୍ର ପ୍ରକାଶ କରିଛନ୍ତି।

**ମକର ସଂକ୍ରାନ୍ତି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ**

## ଦର୍ଶକଙ୍କୁ ଝୁମେଇଲେ ତେଲୁଗୁ ଓ ହିନ୍ଦୀ ସିନେ ଗାୟିକା ହରିକା



**ଜୟପୁର,୨୧।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ରବିବାର ସନ୍ଧ୍ୟାରେ ମକର ସଂକ୍ରାନ୍ତି ଉପଲକ୍ଷେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟପୁର ଏସଆର ମଲ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତେଲୁଗୁ ଏବଂ ଓଡ଼ିଆ ଦର୍ଶକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତେଲୁଗୁ ଏବଂ ହିନ୍ଦୀ ସିନେ ଗାୟିକା ହରିକା ନାରାୟଣଙ୍କ ଗୀତରେ ଉପସ୍ଥିତ ଦର୍ଶକମାନେ ଝୁମିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ପ୍ରଥମେ ନୃତ୍ୟ ଦଳ ଏବଂ ପରେ ଭଜନରୁ ଶୁଭାରମ୍ଭ ହୋଇଥିଲା। ଏହାପରେ ଗାୟିକା ହାରିକା ନାରାୟଣ ଏବଂ ତାଙ୍କ ଦଳ ତେଲୁଗୁ ସଂଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭ ପୂର୍ବରୁ ଆୟୋଜକ ତଥା ଏସ୍ଆର୍ ମଲର ମାଲିକ ତଥା ବ୍ୟବସାୟୀ ସୁବାସ ରାଉତଙ୍କ ନିମନ୍ତ୍ରଣ କ୍ରମେ ଅତିଥି ଭାବେ ଯୋଗଦେଇଥିବା 'ମୁକ୍ତା' ଯୋଜନାର ଉପଦେଷ୍ଟା ମୀରା ପରିଡ଼ା, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବିଧାୟକ ରଘୁରାମ ପଡାଲ, ପ୍ରଭୁ ଜାନୀ, ଜିଲ୍ଲା ଆଇନଜୀବୀ ସଂଘର ସଭାପତି ବୀରେଶ ପଟ୍ଟନାୟକ, ପୌର ଉପାଧ୍ୟକ୍ଷା ବି.ସୁନିତା, କାଉନସିଲର ଏ. ଭଦ୍ରାବେଣୀ, ପୂର୍ବତନ ପୌରାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ନାରୀନେତ୍ରୀ ଶିଳ୍ପା ପାଣି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ୧୯୯୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ଚାନ୍ଦିଲି, ୨୧।୧(ସମିସ):** କୋଟପାଡ଼ ଉଚ୍ଚ ବିଦ୍ୟାଳୟର ୧୯୯୭ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍ଥାନୀୟ ବାଟକୁହୁଡ଼ି ନର୍ସରୀଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ୧୯୯୭ ବ୍ୟାଚର ୬୦ରୁ ଉର୍ଦ୍ଧ୍ୱ ଏଥିରେ ଯୋଗଦେଇଥିଲେ। ଏଥିରେ ସମସ୍ତ ସାଙ୍ଗ ନିଜ ନିଜର ଦୁଃଖ ସୁଖ ଓ ଭଲମନ୍ଦ ବିଷୟରେ ଆଲୋଚନା କରିବା ସହ ଗରିବ ଓ ଅସହାୟ ବନ୍ଧୁମାନଙ୍କୁ ବିଶେଷ ସହଯୋଗ କରିବା ଉପରେ ଆଲୋଚନା କରିଥିଲେ। ମୃତ୍ୟୁବରଣ କରିଥିବା ବନ୍ଧୁମାନଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ଏହି ବନ୍ଧୁମିଳନ ସମସ୍ତ ପରିବାର ସହିତ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସମସ୍ତ ସାଙ୍ଗ ଆଜିର ଏହି ବନ୍ଧୁମିଳନ ସମୟରେ ଗୀତ, ନାଚ କରି ମନୋରଞ୍ଜନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଫ୍ରେଣ୍ଡ ଅଫ ଦି ଇୟର ୨୦୨୪ ନାମରେ ଏକ ଲକି ଡ୍ର କରାଯାଇଥିଲା। ଏଥିରେ ୧୯୯୭ ବ୍ୟାଚର କୋଟପାଡ଼ 'ସକାଳ' ପ୍ରତିନିଧି ଶୈଳେନ୍ଦ୍ର ମାଦଳା ବିଜେତା ହୋଇଥିଲେ। ତାଙ୍କୁ ବ୍ୟାଚ ତରଫରୁ ଏକ ଉପହାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ଗଣେଶ ରାଓ, ବିନାୟକ ମଣ୍ଡଳ, ଜଳେଶ୍ୱର ନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ରାଜ୍ୟ ବାହାରୁ ମଧ୍ୟ ସମସ୍ତ ବନ୍ଧୁ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଗୋଷ୍ଠୀ ସମୂହ ଓ ପୌର ସଂସ୍ଥା ଅଧିକାରୀଙ୍କ ଦୁଇଦିନିଆ ତାଲିମ



**କୋରାପୁଟ,୨୧।୧(ସମିସ):** ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନର ସଫଳ ରୂପାୟଣ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ସମୂହ ଓ ପୌର ସଂସ୍ଥା ଅଧିକାରୀମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। କୋରାପୁଟ ଟାଉନ୍ ହଲଠାରେ ଜିଲ୍ଲାର କୋରାପୁଟ, ସୁନାବେଡ଼ା ଓ ଜୟପୁର ମ୍ୟୁନିସିପାଲିଟି ଏବଂ କୋଟପାଡ଼ ଏନଏସି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ନେଇ ଦୁଇ ଦିନିଆ ତାଲିମ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ କୋରାପୁଟ ପୌର ପରିଷଦ ଉପାଧ୍ୟକ୍ଷା ସବିତା ପଣ୍ଡା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାଶିଷ ଗୌଡ଼, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର, ଓଡ଼ିଶା ଜୀବିକା ମିଶନର ଡିପିଏମ୍ ପ୍ରିୟମ୍ବଦା ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। 'ମୁକ୍ତା' କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପ ଚିହ୍ନଟକରଣ ପ୍ରକ୍ରିୟା, ୱାର୍କ ଅର୍ଡର, ନିର୍ମାଣ କାର୍ଯ୍ୟର ମାପ, ମଷ୍ଟର ରୋଲ, ଶ୍ରମିକମାନଙ୍କୁ ମଜୁରୀ ଦେୟ, ବିଲ୍ ଓ ଦେୟ, ରେକର୍ଡ ରକ୍ଷଣାବେକ୍ଷଣ, ବ୍ୟାଙ୍କ ଋଣ ପାଇଁ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ ପ୍ରଭୃତି ଉପରେ ଦୁଇ ଦିନିଆ ତାଲିମ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରଦୀପ କୁମାର ଗୟା ଓ ଉପହାର ବେହେରା ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ଯୋଗଦେଇ ପରିଚାଳନା କରିଥିବାବେଳେ କୋରାପୁଟ ମ୍ୟୁନିସିପାଲିଟି ମୁକ୍ତା ଯୋଜନାର କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## କିଡ୍‌ନୀ ରୋଗରେ ଆକ୍ରାନ୍ତ ଦେବରାଜ; ଚିନ୍ତାରେ ପରିବାର



ତେନ୍ତୁଳିଖୁଣ୍ଟି,୨୧।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଫଟାଗୁଡ଼ା ଗ୍ରାମର ଦେବରାଜ ବିଷୋୟୀ (୨୯) କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସାରେ ଅର୍ଥାଭାବ ବାଧକ ହେବାରୁ ଅଧାରୁ ବନ୍ଦ କରିଛନ୍ତି ଚିକିତ୍ସା। ଗରିବ ପରିବାରର ଦେବରାଜ ନିଜେ ଜଣେ ଡ୍ରାଇଭର। ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ଶଯ୍ୟାଶାୟୀ ହୋଇ ଘରେ ପଡ଼ିଛନ୍ତି। ନିଜ ଚିକିତ୍ସା ପାଇଁ ପାଖରେ ଥିବା ସମ୍ବଳ, ଜମି ଆଦି ସରିବା ପରେ କରିଛନ୍ତି ତିନଟି ଗ୍ରୁପ୍ ଲୋନ୍। ସମସ୍ତ ଅର୍ଥ ନିଜ ଶରୀରର ଚିକିତ୍ସା ପାଇଁ ଲଗାଇ ସର୍ବହରା ହୋଇଛନ୍ତି ଦେବରାଜ। ପ୍ରତି ସପ୍ତାହରେ ସେ ୩ ଥର ଡଏଲିସିସ୍ କରୁଛନ୍ତି। ପ୍ରତିଥର ପ୍ରାୟ ୨୦୦୦ ଟଙ୍କାର ଆବଶ୍ୟକତା ପଡୁଥିବାରୁ ସେ ଆଉ ଡାଏଲିସିଏସ୍ ପାଇଁ ଯିବା ବନ୍ଦ କରିଦେଇଛନ୍ତି। ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଛି। ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତାଙ୍କ ପରିବାର। ଦେବରାଜଙ୍କ ପରିବାର କହିଲେ ତାଙ୍କ ପତ୍ନୀ ସାବିତ୍ରୀ ବିଷୋୟୀ (୨୫), ୪ ବର୍ଷର ଝିଅ ସିଦ୍ଧି ବିଷୋୟୀ ଏବଂ ବର୍ଷକର ପୁଅ ଦେବାଂଶୁ ବିଷୋୟୀ। ବର୍ତ୍ତମାନ ସ୍ଥିତିକୁ ନେଇ ଦେବରାଜ ଏବଂ ତାଙ୍କ ପରିବାର ନିରୁପାୟ ହୋଇ ପଡ଼ିଥିବାବେଳେ ସହାୟତା ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଆଇନଜୀବୀ ଶ୍ରୀକାନ୍ତ କୁମାର ପଣ୍ଡା ଜିଲ୍ଲାପାଳଙ୍କୁ ଭେଟି ଦେବରାଜଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି। ଜିଲ୍ଲାପାଳ ମଧ୍ୟ ଗୁରୁତ୍ୱର ସହ ନେଇ ତାଙ୍କ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଟପ୍‌ଅପ୍ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସଭିଙ୍କୁ ଏକ୍ସ ମାଧ୍ୟମରେ ସହାୟତା ପାଇଁ ନିବେଦନ କରାଯାଇଛି।




# କୁକୁଡ଼ା ଗାଲି ଉପରେ ଚଢ଼ଉ; ୫ ଗିରଫ



**ମାଥିଲି,୨୧।୧(ସମିସ)**

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଧାନକଟା ଓ ଅମଳ ପରେ ସାଧାରଣତଃ କୁକୁଡ଼ା ଗାଲି ଚାଲୁଥିବାବେଳେ ମଦ ଓ ମାଂସର ଆସର ଜମିଥାଏ। ଯାହାଫଳରେ ଗରିବ ନିରୀହ ଆଦିବାସୀମାନେ ଲୋଭର ବଶବର୍ତ୍ତୀ ହୋଇ କୁକୁଡ଼ା ଗାଲିକୁ ଯାଇ ଅର୍ଥହାନି ସହିତ ମଦ ଓ ମାଂସରେ ସମସ୍ତ ଖର୍ଚ୍ଚ କରିଦିଅନ୍ତି। ଯେଉଁଥି ପାଇଁ ଘରକୁ ଫେରିବା ପରେ ପାରିବାରିକ ଅଶାନ୍ତି ଦିନକୁ ଦିନ ବଢ଼ିବାରେ ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ଯେତେ ସଚେତନତା କାର୍ଯ୍ୟକ୍ରମ କଲେବି ମାନୁ ନାହାନ୍ତି ଅମାନିଆ ଜୁଆଡ଼ି। କିନ୍ତୁ ଜିଲ୍ଲା ପୁଲିସ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଗତ ଦୁଇ ବର୍ଷ ହେବ କୁକୁଡ଼ା ଗାଲିକୁ ବେଆଇନ ଘୋଷଣା କରିଛନ୍ତି। କିନ୍ତୁ କିଛି ସ୍ଥାନରେ ପ୍ରଶାସନ ନିୟମକୁ ବେଖାତିର କରି ଲୁଚି ଛପି ବେଆଇନ କୁକୁଡ଼ା ଗାଲି ଚାଲୁଥିବାବେଳେ ପୁଲିସ ଚଢ଼ଉ କରି କୁକୁଡ଼ା ଗାଲି ବନ୍ଦ କରିବା ସହିତ ମାମଲା ରୁଜୁ କରୁଛି। ଗତକାଲି ପୁଲିସ ପୁଣି ଏକ କୁକୁଡ଼ା ଗାଲି ଉପରେ ଚଢ଼ଉ କରି ୫ ଜଣକୁ ଗିରଫ କରିଛି। ସୂଚନାନୁଯାୟୀ, ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଓ ଅନ୍ୟ ଜଣେ ପୁଲିସ କର୍ମଚାରୀ ଦଳପତି ଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୁରାଗୁଡ଼ା ଗ୍ରାମରେ ଏକ କୁକୁଡ଼ା ଗାଲି ଉପରେ ଅଚାନକ ଭାବେ ଚଢ଼ଉ କରି ୫ ଜଣକୁ ଗିରଫ କରିବା ସହିତ ସହିତ ୩୧୦୦ ଟଙ୍କା, ଦୁଇଟି କୁକୁଡ଼ା ଓ କୁକୁଡ଼ା ଗାଲିରେ ବ୍ୟବହୃତ ହେଉଥିବା ଦୁଇଟି ଛୁରୀକୁ ଜବତ କରିଛି। ସମସ୍ତ ୫ ଜଣକୁ ମାଥିଲି ଥାନାକୁ ଆଣିବା ସହିତ ଓପିଜି ଆକ୍ଟରେ ମାମଲା ରୁଜୁ କରାଯାଇଛି। ଗିରଫ ୫ ଜଣକୁ ଜାମିନ୍ ମିଳିଥିବାବେଳେ ଆଗାମୀ ଦିନରେ ଯେଉଁଠିବି କୁକୁଡ଼ା ଗାଲି ଚାଲୁଥିବା ପୁଲିସ ସୂଚନା ପାଇବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି ଥାନା ଅଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି। ଅମାନିଆ ଜୁଆଡ଼ିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ସୀମାନ୍ତରେ ମାଓ ଶିବିର ଧ୍ୱଂସ, ସାମଗ୍ରୀ ଜବତ

**ମାଲକାନଗିରି,୨୧।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ତଲାସି ଅଭିଯାନ ବେଳେ ଯବାନଙ୍କୁ ମିଳିଛି ସଫଳତା। ମାଓବାଦୀଙ୍କ ଗୋଟିଏ ଶିବିରକୁ ଧ୍ୱଂସ କରିବା ସହିତ ଅନେକ ମାଓ ସାମଗ୍ରୀ ସେଠାରୁ ଜବତ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲା ଅନ୍ତର୍ଗତ ବୁର୍କଲଙ୍କା ଜଙ୍ଗଲରେ ମାଓ ଶିବିର ରହିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଡିଆରଜି ଓ କୋବ୍ରା ବାହିନୀର ଯବାନମାନେ ମିଳିତ ରୂପେ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ଯବାନମାନେ ଆସୁଥିବା ଜାଣି ପାରି ସେମାନେ ପହଞ୍ଚିବା ପୂର୍ବରୁ ଜଙ୍ଗଲ ମଧ୍ୟରେ ଥିବା ଶିବିରରୁ ମାଓବାଦୀମାନେ ଲୁଚି ପଳାଇବାରେ ସକ୍ଷମ ହୋଇଥିଲେ। ତେବେ ଯବାନମାନେ ସେଠାରେ ପହଞ୍ଚି ଶିବିରକୁ ଧ୍ୱଂସ କରିବା ସହ ଅନେକ



ମାଓ ସାମଗ୍ରୀ ଜବତ କରିଥିଲେ। ମାଓବାଦୀମାନେ ସେଠାରୁ ଲୁଚି ପଳାଇଥିବାରୁ ସେହି ଅଞ୍ଚଳରେ ଯବାନଙ୍କ ଦ୍ୱାରା ସର୍ଚ୍ଚ ଅପରେସନକୁ ଜୋରଦାର କରଯାଇଥିବା ନେଇ ଏସପି କିରଣ ଚୌହାନ ସୂଚନା ଦେଇଛନ୍ତି।

## ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ନନ୍ଦପୁର ଚଳଚଞ୍ଚଳ

**ନନ୍ଦପୁର,୨୧।୧(ସମିସ):** ଅଯୋଧ୍ୟା ନଗରୀରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନେଇ ସାରା ଦେଶ ଉତ୍ସବମୁଖର ହୋଇଥିବାବେଳେ ନନ୍ଦପୁର ସହର ମଧ୍ୟ ଉତ୍ସବମୁଖର ହୋଇଛି। ଏହି ଉତ୍ସବକୁ ଧୁମଧାମରେ ପାଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏହି ଅବସରରେ ନନ୍ଦପୁର ସ୍ଥିତ ଶ୍ରୀରାମ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଅଯୋଧ୍ୟାଠାରେ ହେବାକୁ ଥିବା ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ସ୍ୱାଗତ କରିବାକୁ ନନ୍ଦପୁର ସହର ମଧ୍ୟ ଉତ୍ସବମୁଖର ସହ ପୂରା ପ୍ରସ୍ତୁତ ରହିଛି। ବହୁ ଅଞ୍ଚଳରୁ ନନ୍ଦପୁର ସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚି ଦୀପ ପ୍ରଜ୍ୱଳନ କରିବା କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ମଧ୍ୟ କରାଯାଇଥିବା ଜଣାପଡ଼ିଛି।

## ବିଜ୍ରାଗୁଡ଼ା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନବରଙ୍ଗପୁର,୨୧।୧(ସମିସ):** ବିଜ୍ରାଗୁଡ଼ା ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷକ କରୁଣାକର ନାୟକଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ଦିବଂଗତ କ୍ରୀଡ଼ା ଶିକ୍ଷକ ହରେକୃଷ୍ଣ ପଣ୍ଡାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଧ୍ୟକ୍ଷା ନୀଳେନ୍ଦ୍ରି ନାୟକ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଧର୍ମପତ୍ନୀ ବବିତା ସର ଯୋଗଦେଇ ନିଜ ଜୀବନର ଛାତ୍ରୀ ସମୟର ଅନୁଭୂତି ସମ୍ପର୍କରେ କହିଥିଲେ। ସେହିପରି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ପତ୍ନୀ କୌଶଲ୍ୟା ପ୍ରଧାନୀ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥି ଭାବରେ ତେନ୍ତୁଳିଖଣ୍ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣଗ୍ରାହୀ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, କୁକୁଡ଼ାବାଇ ସରପଞ୍ଚ ରତ୍ନା ଜାନୀ, ବିଦ୍ୟାଳୟ ସଭାପତି ହେମନ୍ତ ଭତ୍ରା, ଅତିରିକ୍ତ ମଙ୍ଗଳ ଅଧିକାରୀ ସୁଶ୍ରୀ ନିବେଦିତା ବିଶ୍ୱାଳ, ଭରତ ଚନ୍ଦ୍ର ସାହୁ, ସତ୍ୟବ୍ରତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ା ସହ ବିଦ୍ୟାଳୟର ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଯେପରି ଖେଳକୁଦ, ସାଂସ୍କୃତିକ ଏବଂ ଅନ୍ୟ ସମସ୍ତ ପ୍ରତିଯୋଗିତାରେ ଭାଗ ନେଲେ ଉଭୟ ବୌଦ୍ଧିକ ଓ ମାନସିକ ଭାବରେ ସୁସ୍ଥ ରହିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀମାନେ ପରିଚାଳନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଶିକ୍ଷକ କାହ୍ନୁ ଚରଣ ପଟ୍ଟନାୟକ, ଡାଇନା ଥାଚର, ନିବେଦିତା ସିଂ, ପି.ଧରଣୀଧର, ଶୁଭଶ୍ରୀ ବରାଡ଼, ସୁନିତା ତ୍ରିପାଠୀ, ସୌରଭ ସାହୁ, ନୌଶାଦ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଚତୁର୍ଥ ଦିନରେ ପ୍ରାଣୀ ଚିକିତ୍ସକଙ୍କ ଧାରଣା



**ମୁନିଗୁଡ଼ା,୨୧।୧(ସମିସ):** ପ୍ରାଣୀ ଚିକିତ୍ସକମାନଙ୍କ ଧାରଣା ଚତୁର୍ଥ ଦିନରେ ଜାରି ରହିଥିବାବେଳେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଓ ଅମ୍ବାଦଳା ଅଞ୍ଚଳରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ଦାବି ପୂରଣ ନହବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଥିବା ବେଳେ ଏଣେ ପ୍ରାଣୀଧନ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସା ବାଧାପ୍ରାପ୍ତ ହେଉଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁବାରଠାରୁ ରାୟଗଡ଼ା ଜିଲ୍ଲାର କାର୍ଯ୍ୟରତ ସମସ୍ତ ପ୍ରାଣୀ ଡାକ୍ତର ସାମୂହିକ ଛୁଟି ନେବା ଫଳରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ଓ ଅମ୍ବାଦଳା ଅଞ୍ଚଳରେ ୪ଦିନ ହେଲା ପ୍ରାଣୀ ଚିକିତ୍ସାଳୟରେ ତାଲା ଝୁଲୁଛି। ଅଞ୍ଚଳବାସୀ ଗାଈ, ଗୋରୁ, କୁକୁଡ଼ା ଭଳି ବିଭିନ୍ନ ପ୍ରକାର ପଶୁପକ୍ଷୀ ପାଳନ କରୁଥିବାବେଳେ ପ୍ରାଣୀ ଚିକିତ୍ସାଳୟ ବନ୍ଦ ଯୋଗୁଁ କୌଣସି ଚିକିତ୍ସା ସୁବିଧା ମିଳୁନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିବା ସହ ଏବେ ଚିନ୍ତାରେ ଚାଷୀ। ପ୍ରାଣୀପାଳକମାନେ ନିଃଶୁଳ୍କ ପ୍ରାଣୀ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ୍ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା ଇତ୍ୟାଦି ଦାବି କରୁଥିବାବେଳେ ବିଭାଗରେ ଏପରି ବ୍ୟବସ୍ଥା ନାହିଁ। ଏଣୁ ପ୍ରାଣୀପାଳକମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବାବେଳେ ଚିକିତ୍ସକମାନେ ବିନା ଦୋଷରେ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କର ବିଭିନ୍ନ ଦାବି ତଥା ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ ହେଉଛି। ତେଣୁ ସେମାନଙ୍କର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତେ ସାମୂହିକ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ରାୟଗଡ଼ା ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଂଘର ଜିଲ୍ଲା ପ୍ରତିନିଧି ଡା. କୃଷ୍ଣାନନ୍ଦ ବେହେରା ପ୍ରକାଶ କରିଛନ୍ତି।

# ଜିଲ୍ଲା ପୁଲିସର ମୈତ୍ରୀ ମେଳା କାର୍ଯ୍ୟକ୍ରମ




**କଲ୍ୟାଣସିଂହପୁର,୨୧।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ମାଓପ୍ରବଣ ଅଞ୍ଚଳ ପାରସାଲି ପଞ୍ଚାୟତର ବୁଢୁଣୀ ଗାଁରେ ରାୟଗଡ଼ା ଜିଲ୍ଲା ପୁଲିସ ପକ୍ଷରୁ ମୈତ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକାରୀ ବିବେକାନନ୍ଦ ଶର୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପାରସାଲି ପଞ୍ଚାୟତର ସରପଞ୍ଚ ବାମ କାଡ୍ରାକା, ଏସଡିପିଓ ରଶ୍ମିରଞ୍ଜନ ସେନାପତି, କଲ୍ୟାଣସିଂହପୁର ଥାନା ଅଧିକାରୀ ସୁମନ୍ତି ମହାନ୍ତି, କଲ୍ୟାଣସିଂହପୁର ଡା. ଅନୁଭବ ସାହୁ ଓ ଡା. ଅନ୍ନପୂର୍ଣ୍ଣା ତାଣ୍ଡି ମଞ୍ଚାସୀନ ଥିଲେ। ଏହି ମୈତ୍ରୀ ମେଳା କାର୍ଯ୍ୟକ୍ରମରେ ଚାଟିକୋଣା, ତେନ୍ତୁଳି ପଦର, ବେମେରି, ଟାଡୁମୁହିଁ, ବିତର ବୁଢୁଣି, ବୁଢୁଣି ଓ ସହରପଦର ମୋଟ ୮ଟି ଗ୍ରାମର ମହିଳା, ପୁରୁଷ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଉପସ୍ଥିତ ରହିଥିବା ସମସ୍ତଙ୍କୁ ତଥା ଛାତ୍ରଛାତ୍ରୀଙ୍କୁ ବ୍ୟାଗ୍, ଖାତା, ପେନ୍, ପେନସିଲ୍, ରବର, ପାଣି ବୋତଲ, ସୋଲାର ଲାଇଟ୍ ଦେଇଥିବାବେଳେ ମହିଳା ଓ ପୁରୁଷମାନଙ୍କୁ କମ୍ବଳ, ମସାରି, ଛତା, ଶାଢ଼ି ବଣ୍ଟନ ଏବଂ ଜ୍ୱର ଓ ବେମାର ପାଇଁ ବିଭିନ୍ନ ପ୍ରକାର ଔଷଧ ମଧ୍ୟ ବଣ୍ଟନ କରିଥିଲେ। ଏହା ସହ ଭଲିବଲ୍ ମ୍ୟାଚ୍ ଖେଳିଥିବା ଯୁବକମାନଙ୍କୁ ଟ୍ରଫି ଓ ଡ୍ରେସ ଦେଇଥିଲେ। ଡଙ୍ଗରିଆ ପରମ୍ପରାରେ ନାଚ ଓ ଗୀତ କରିବା ପାଇଁ ବାଜା ଦେଇଥିଲେ। ଏହି ମୈତ୍ରୀ ମେଳାରେ ପୁଲିସ ଏବଂ ଲୋକଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିବା ଏସପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପୁଲିସ ଏସଆଇ ସଞ୍ଜୟ ମୁର୍ମୁ ସମେତ ଜିଲ୍ଲା ପୁଲିସ ଦଳ ଉପସ୍ଥିତ ରହିଥିଲେ।

■ ବେଧଡ଼କ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ

# ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱହାନି

**ନନ୍ଦାହାଣ୍ଡି,୨୧।୧(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ଦହଣା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁରେ ବହି ଯାଇଥିବା ଇନ୍ଦ୍ରାବତୀ ନଦୀ ବାଲିଘାଟରୁ ଦୀର୍ଘଦିନ ଧରି ବାଲି ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଦିନ ଏହି ଇନ୍ଦ୍ରାବତୀ ନଦୀ ବାଲିଘାଟଠାରୁ ୪୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଯୋଗେ ବିନା ଟିକସରେ ବାଲି ଚୋରା ଚାଲାଣ ହେଉଥିବା



ସାଧାରଣରେ ଅଭିଯୋଗ ହୋଇଥିବାବେଳେ ଏହାଦ୍ୱାରା ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱହାନି ହେଉଥିବା ଜଣାପଡ଼ିଛି। ଏହି ବାଲିଘାଟରେ ବାଲି ଉଠାଇବା ନିମନ୍ତେ କୌଣସି ଟେଣ୍ଡର ହୋଇ ନ ଥିବା ନନ୍ଦାହାଣ୍ଡି ତହସିଲଦାର ବନମାଳୀ ମେହେର ପ୍ରକାଶ କରିଥିବାବେଳେ ଖଣି ବିଭାଗ ଅଧିକାରୀଙ୍କୁ ଏ ବାବଦରେ ଜଣାଇଥିବା ସେ କହିଥିଲେ। ଏଠାରେ ପ୍ରଶାସନ ନିଦାବିଷ୍ଣୁ ସାଜିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ବାଲିଘାଟ ନିମନ୍ତେ ଟେଣ୍ଡର କରିବା ସହ ଚୋରା ଚାଲାଣରେ ବ୍ୟବହୃତ ହେଉଥିବା ସମସ୍ତ ଟ୍ରାକ୍ଟର ଓ ଜେସିବି ମେସିନ ଜବତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଅମ୍ବାଦଳା ବିଜ୍ଞାନ କଲେଜ ଅଞ୍ଚଳବାସୀଙ୍କ ପାଇଁ ଆଶୀର୍ବାଦ



**ମୁନିଗୁଡ଼ା,୨୧।୧(ସମିସ):** ଶିକ୍ଷାଗ୍ରହଣ ହେଉ କିମ୍ବା ଖେଳକୁଦ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ଏବେ ଉନ୍ନତମାନର ପୁରସ୍କାରକୁ ନେଇ ଚର୍ଚ୍ଚା ଧରିଛି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଭଳି ଏକ ଉପାନ୍ତ ଅଞ୍ଚଳରେ +୨ ବିଜ୍ଞାନ ମହାବିଦ୍ୟାଳୟ ଅଞ୍ଚଳବାସୀଙ୍କ ପାଇଁ ଏକ ଆଶୀର୍ବାଦ ବୋଲି ଚାରିଆଡ଼େ ଚର୍ଚ୍ଚା ଚାଲିଛି। ଏହି ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକା ନିଷ୍ଠାପର ଭାବେ କାର୍ଯ୍ୟକରି ଏହି ଅନୁଷ୍ଠାନକୁ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛନ୍ତି। ଦୀର୍ଘ ୧୩ ବର୍ଷ ଧରି ସ୍ୱଳ୍ପ ବେତନରେ ନିଜ ଯୌବନକୁ ସମର୍ପଣ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଲାଗି ପଡ଼ିଛନ୍ତି। ପରୀକ୍ଷା ଫଳରେ ମଧ୍ୟ ରାୟଗଡ଼ା ଜିଲ୍ଲାରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାର ଅନ୍ୟ ଅନୁଷ୍ଠାନଗୁଡ଼ିକୁ ପଛରେ ପକାଇ ପାରିଛନ୍ତି। ଏହି କିଛି ଦିନ ପୂର୍ବରୁ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କ ପ୍ରୟାସରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଅନେକ ଉନ୍ନତମାନର ପ୍ରତିଭା ପ୍ରଦର୍ଶନ କରିପାରିଛନ୍ତି। ସବୁଠାରୁ ବଡ଼ କଥା ହେଲା ପିଲାମାନଙ୍କୁ ଦିଆଯାଇଥିବା ପୁରସ୍କାରର ମୂଲ୍ୟ ଓ ମାନ ବାସ୍ତବରେ ସିଲଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର ଓ ଆକର୍ଷଣୀୟ ସେତିକି ମୂଲ୍ୟବାନ ମଧ୍ୟ ରହିଥିଲା। ଅଧ୍ୟାପକ ହରିଚନ୍ଦନ ମିଶ୍ର, ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଏହି ଅନୁଷ୍ଠାନ ପ୍ରତି ଆନ୍ତରିକତା ବାସ୍ତବରେ ପ୍ରଶଂସନୀୟ ବୋଲି ଚାରିଆଡ଼େ ଚର୍ଚ୍ଚା ଚାଲିଛି।

# ବିଦ୍ୟାଳୟରେ ଭାଷା ସାହିତ୍ୟ, ସୃଜନଶୀଳତା କାର୍ଯ୍ୟକ୍ରମ









**ଜୟପୁର,୨୧।୧(ସମିସ)**

ଜୟପୁର ବ୍ଲକ ଗଡ଼ପଦର ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପ୍ରଦର୍ଶନୀ ଏବଂ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ ନଳିନୀ ପରିଚ୍ଛା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ କରିଥିଲେ। ଅନ୍ୟାନ୍ୟ ବକ୍ତା ଓ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ, ସରପଞ୍ଚ ହୀରାମଣି ଭୂମିଆ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବାର୍ଷିକ ଉତ୍ସବ ମଧ୍ୟ ପାଳିତ ହୋଇଥିଲା। ଏଥିରେ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ମାଧବ ମହାଲିଙ୍ଗ, ନୀଳମାଧବ ହରିଜନ, ପ୍ରମୋଦ ପାଢ଼ୀ ଓ ଶିକ୍ଷୟିତ୍ରୀ ଭାଗ୍ୟଲତା ସାହୁ, ସମ୍ବିତରେଖା ଜେନା, ସରସ୍ୱତୀ ନାୟକ, କନକ ପଣ୍ଡା, ମଞ୍ଜୁଳା ପାଢ଼ୀ, ମମତା ବେଉରା, ବନିତା ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ସହ ଗଡ଼ପଦର ଗ୍ରାମବାସୀ ଏବଂ ଅଭିଭାବକ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟ ଉତ୍ସବରେ ମହମ୍ମଦ ସରିଫ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**ମାଲକାନଗିରି:** ମାଲକାନଗିରି ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମନାଭ ପୁଆଲାଙ୍କ ଅଧ୍ୟକ୍ଷତାରେ ନୋଡାଲ ଅଧିକାରୀ ନରେନ୍ଦ୍ର ସୋଡ଼ି, ମୁରଲୀ ମାଝୀ, ଅଧ୍ୟାପିକା ସଙ୍ଗୀତା କୁମାରୀ ହୋତା, ନିକିତା ସିଂ, ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପକ ରାଜେଶ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଅତିଥିମାନେ ଓଡ଼ିଆ ଭାଷାର ମହତ୍ୱ ଓ ଏହାର ବହୁଳ ବ୍ୟବହର ଉପରେ ମତ ରଖିଥିଲେ। ଯଦି ଜଣେ ବ୍ୟକ୍ତି ଓଡ଼ିଆ ଭାଷାରେ କବି, ସାହିତ୍ୟିକ, ଗାଳ୍ପିକ କିମ୍ବା ଔପନ୍ୟାସିକ ହେବାକୁ ହେଲେ ଓଡ଼ିଆ ଭାଷାର ଆବଶ୍ୟକତା ଓ ଏହାର ମହତ୍ୱକୁ ବୁଝିବା ଦରକାର। ତେଣୁ ଓଡ଼ିଆ ଭାଷା ହିଁ ଆମର ପରିଚୟ ଓ ଭବିଷ୍ୟତ ବୋଲି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଶ୍ରୀ ସୋଡ଼ି ପରିଚାଳନା କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନେ ମଧ୍ୟ ନିଜର ମତ ରଖିବା ପରେ ଅଧ୍ୟାପକ ମୂରଲୀ ମାଝୀ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ଶେଷ କରିଥିଲେ।

**ମାଥିଲି :** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ, ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଯୋଗଦେଇଥିବା ବେଳେ ଖଇରପୁଟ ବ୍ଲକ୍ ଅଧ୍ୟକ୍ଷ ବିଘ୍ନ କିର୍ଷାନି, ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି, ବରିଷ୍ଠ ସମାଜସେବୀ ସଞ୍ଜୀବ କୁମାର ପଣ୍ଡା, ସାମ୍ବାଦିକ ବାସୁଦେବ ଜେନା ଓ ଶ୍ୟାମପ୍ରସାଦ ପଟ୍ଟନାୟକ, ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାର ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ଉତ୍ତମ ପାଠ ପଢ଼ିବା, ଆଦିବାସୀ ଭାଷା ଓ ଓଡ଼ିଆ ଭାଷାର ଉନ୍ନତି ସହିତ ମାଟି ମା'ର ନା ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ନିଜ ବକ୍ତବ୍ୟରେ କହିଥିଲେ। ଏହି ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ପଟ୍ଟାଙ୍ଗି:** ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଳି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲବ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. ମିନତି, ସମିତିସଭ୍ୟ ଲଇଛନ ଖରା, ସ୍ଥାନୀୟ ସଙ୍ଗମଗୁଡ଼ା ଏନୟୁପିଏସ୍ ପ୍ରଧାନଶିକ୍ଷକ ଭ୍ରମରବର ସାହୁ, ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ବାବୁଲା ପଡ଼ାଲ ଓ ପୁକାଳିର ସିଆରସିସି ରୁଦ୍ରନାରାୟଣ ପ୍ରଧାନ ଅତିଥି ରୂପେ ଯୋଗଦେଇଥିଲେ। ପିଲାମାନେ ଜିଜ୍ଞାସା, ସାହିତ୍ୟସୃଜନୀ, କୌଶଳୀ ଓ କ୍ରୀଡ଼ାଙ୍ଗନ କ୍ଲବ ଅନ୍ତର୍ଗତ ବିଭିନ୍ନ କ୍ରିୟାକଳାପ ଓ ପ୍ରଦର୍ଶନୀ ଆୟୋଜନ କରିଥିଲେ। ସାହିତ୍ୟସୃଜନୀ କ୍ଲବର ମେଣ୍ଟର ଜଗନ୍ନାଥ ସାହୁ, ସହ ମେଣ୍ଟର ନମିତା ଖରା, ଜିଜ୍ଞାସା କ୍ଲବର ମେଣ୍ଟର ସୁଶ୍ରୀ ଶିବାନୀ ସେଠୀ, ସହ ମେଣ୍ଟର ଅନ୍ନପୂର୍ଣ୍ଣା ଜାନୀ, କ୍ରୀଡ଼ାଙ୍ଗନ କ୍ଲବର ମେଣ୍ଟର ଅର୍ଜ୍ଜୁନ କୁମାର ଦାସ, ମେଣ୍ଟର ସ୍ନେହଲତା ଭୂୟାଁ, କୌଶଳୀ କ୍ଲବର ମେଣ୍ଟର ପିଣ୍ଟୁ କୁମାର ଦାଶ, ମେଣ୍ଟର ଭାସ୍କର ଚନ୍ଦ୍ର ମହାରଣା ନିଜ ନିଜ କ୍ଲବର ପିଲାମାନଙ୍କ ସମସ୍ତ ଆୟୋଜନର ତଦାରଖ କରିଥିଲେ। ସମସ୍ତ ଅତିଥିଗଣ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପ୍ ଶିଖା ବେହେରା ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସହ ପ୍ରଦର୍ଶନୀଗୁଡ଼ିକ ବୁଲି ଦେଖିଥିଲେ। ପରେ ପରେ ବହୁ ଅବିଭାବକ ଓ ସ୍ଥାନୀୟ ଲୋକମାନେ ମଧ୍ୟ ବିଭିନ୍ନ ଶ୍ରେଣୀ ଗୃହ ବୁଲି ପିଲାମାନଙ୍କ କାର୍ଯ୍ୟଗୁଡ଼ିକ ଦେଖିଥିଲେ। ଅପରାହ୍ଣରେ ସମସ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇବା ସହ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗନ୍ନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଜୟପୁର ଉତ୍ସବମୁଖର

# ଦିନକ ପୂର୍ବରୁ ସାଜସଜ୍ଜା ସହ ଭଜନ କାର୍ଯ୍ୟକ୍ରମ



**ଜୟପୁର,୨୧।୧(ସମିସ)**

ଉତ୍ତର ପ୍ରଦେଶର ଅଯୋଧ୍ୟାଠାରେ ସୋମବାର ବହୁ ପ୍ରତୀକ୍ଷିତ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଏବଂ ଶ୍ରୀରାମଙ୍କ ମୂର୍ତ୍ତି ଓ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ କୋରାପୁଟ ଜିଲ୍ଲା ଜୟପୁର ସହର ଦିନକ ପୂର୍ବରୁ ଉତ୍ସବମୁଖର ହୋଇଛି। ଶନିବାରଠାରୁ ସାରା ସହରରେ ଗେରୁଆ ପତାକା ଲାଗିଥିବାବେଳେ ସହରର ସାଜସଜ୍ଜାକୁ ଜୋରଦାର କରାଯାଇଛି। ରବିବାର ସନ୍ଧ୍ୟାରେ ଏହି ଅବସରରେ ଶ୍ରୀରାମ ନବମୀ ପାଳନ ହିନ୍ଦୁ ସମାଜ ପକ୍ଷରୁ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ରଥପଡ଼ିଆଠାରେ ଆୟୋଜିତ ହୋଇଥିଲା। ଏଥିରେ ୧୯୯୨ ମସିହାରେ ଜୟପୁର ସହରରୁ କର ସେବକ ଭାବେ ଯୋଗଦେଇଥିବା ଏକାଧିକଙ୍କୁ ହିନ୍ଦୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହାପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନ ପରାମର୍ଶଦାତା, ଶିକ୍ଷକ ବର୍ଗ, ଚିକିତ୍ସକ ବର୍ଗ, ପୁରୋହିତ, ପୂଜକ, ଆଧ୍ୟାତ୍ମିକ, ସାମାଜିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ମନ୍ଦିର କମିଟି, ବ୍ୟାବସାୟିକ ସଂଘ, ଶ୍ରମିକ ସଂଘ, ମହିଳା ସ୍ୱୟଂ ସେବକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆବାହକ ନିରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବାବେଳେ ବରୁଣ ଜୈନ, ସୁବ୍ରତ ପଣ୍ଡା, ସନ୍ଦିପ ଦଳେଇ, ସତିଶ ନନ୍ଦ, ଲଳିତ ଅଗ୍ରୱାଲ, ସମ୍ରେଶ ରାଠୋଡ, ଶୁଭେନ୍ଦୁ ବ୍ରହ୍ମା, ଆକାଶ ସାମନ୍ତରାୟ, ରାହୁଲ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପତଞ୍ଜଳି ଯୋଗ ସମିତିର ସଦସ୍ୟସଦସ୍ୟାମାନେ ସହଯୋଗ କରିଥିଲେ। ସେହିପରି ଉଦଘୋଷକ ଭାବେ ଶଙ୍କର ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ସୋମବାର ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଏକ ବିରାଟ ଶୋଭାଯାତ୍ରା ଅପରାହ୍ଣ ୩ଟା ସମୟରେ ଝାଙ୍କଡ଼ଦେଈ ମନ୍ଦିରଠାରୁ ରଘୁନାଥ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାରା ସହରରେ ପ୍ରତ୍ୟେକ ଘର, ଦୋକାନ, ମନ୍ଦିରଗୁଡ଼ିକରେ ଦୀପ ପ୍ରଜ୍ୱଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ରଘୁନାଥ ମନ୍ଦିର ନିକଟରେ ଅଯୋଧ୍ୟାରୁ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ସିଧାପ୍ରସାରଣ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି। ତେବେ ଏହାକୁ ଦୃଷ୍ଟିରେ ରଖି ଜୟପୁର ସହରରେ ସ୍ଥାନୀୟ କୁମ୍ଭାରପୁଟ ଗ୍ରାମର କୁମ୍ଭକାରମାନେ ମାଟିରେ ନିର୍ମିତ ବିଭିନ୍ନ ଆକୃତିର ଦୀପଗୁଡ଼ିକୁ ରବିବାର ବହୁ ସଂଖ୍ୟାରେ ବିକ୍ରି କରିଥିବା ଦେଖିବାକୁ ମିଳିଛି।

# ସେମିଳିଗୁଡ଼ାରେ ଶ୍ରୀରାମଙ୍କ ନଗର ପରିକ୍ରମା



**ସେମିଳିଗୁଡ଼ା,୨୧।୧(ସମିସ):** ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଅର୍ଥାତ୍ ରବିବାର କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ଶିବ ଶକ୍ତି ବାଣିଜ୍ୟ ସଂଘ ଦ୍ୱାରା ଏହି ଉତ୍ସବକୁ ପାଳନ କରାଯାଇଛି। ରବିବାର ଓ ସୋମବାର ଦୁଇ ଦିନ ଧରି ସ୍ଥାନୀୟ ବସଷ୍ଟାଣ୍ଡଠାରେ ମହୋତ୍ସବ ଆୟୋଜନ କରାଯିବା ନେଇ ହୋଇଥିବା ପୂର୍ବ ନିଷ୍ପତ୍ତି ପ୍ରକାରେ ରବିବାର ଅପରାହ୍ଣ ୧ଟାବେଳେ ଦାମନଯୋଡ଼ି ଛକରୁ ଶ୍ରୀରାମଙ୍କୁ ରଥ ସହ ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରି ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଶତାଧିକ ଲୋକ ଏଥିରେ ଯୋଗଦେଇ ରାମଙ୍କ କୀର୍ତ୍ତନରେ ସହରର ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରା ଦ୍ୱାରା ସେମିଳିଗୁଡ଼ା ସହରରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏହି ଅବସରରେ ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିବାବେଳେ ବିଭିନ୍ନ କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ପରିବେଷଣ କରି ଗୋପବନ୍ଧୁ ନଗର, କଲେଜ ରୋଡ୍ ଦେଇ ସତ୍ୟନଗର, ନନ୍ଦପୁର ରୋଡ୍, ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରିବା ପରେ ସନ୍ଧ୍ୟାରେ ୨୨ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀରାମଙ୍କ ପ୍ରତି ଛବି ଉନ୍ମୋଚନ କରିଥିଲେ। ଶୋଭାଯାତ୍ରାରେ ପଟାଙ୍ଗି ବିଧାୟକ ପୀତମ ପାଢ଼ି, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଅଧିକ ସଂଖ୍ୟାରେ ଲୋକ, ରାମ ଭକ୍ତ ଯୋଗଦେଇଥିଲେ। ସେମିଳିଗୁଡ଼ା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**ଉମରକୋଟ,୨୧।୧(ସମିସ)**



ଅଯୋଧ୍ୟାରେ ଶ୍ରୀରାମଙ୍କ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଶ୍ରୀରାମ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଶ୍ରୀରାମ ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। କେଶରୀବେଡ଼ା ରାମ ଚରିତ ମାନସ ଟିମ୍ ପକ୍ଷରୁ ଅହରହ ୨୪ ଘଣ୍ଟା ଅଖଣ୍ଡ ରାମାୟଣ ପାଠ ମନ୍ଦିର ପରିସରରେ କରାଯାଇଥିଲା। ସହରର ମୁଖ୍ୟ ସଡ଼କ ଉଭୟ ପାର୍ଶ୍ୱରେ ଗେରୁଆ ରଙ୍ଗର ପତାକା ଲଗାଯାଇଛି। ଏହି ଉତ୍ସବକୁ ସଫଳ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ବିଭିନ୍ନ ହିନ୍ଦୁ ସଂଗଠନ, ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା, ଭକ୍ତଙ୍କ ସହଯୋଗରେ କରାଯାଇଛି। ରବିବାର ଛୋଟ ଛୋଟ ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ଏହି ସମୟରେ ଯୁବତୀ, ମହିଳାମାନେ ଓ ଶ୍ରୀରାମଙ୍କ ଅନେକ ଭକ୍ତ ସାମିଲ ହୋଇ ସଂକୀର୍ତ୍ତନ କରୁଥିବା ଦେଖିବାକୁ ମିଳିଛି। ରବିବାର ସନ୍ଧ୍ୟାରେ ମନ୍ଦିରଠାରେ ଅଧ୍ୟାତ୍ମିକ ଚେତନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ରାମ ମନ୍ଦିରଠାରେ ସୋମବାର ହୋମଯଜ୍ଞ, ପୂଜାପାଠ କରାଯିବ। ସେହିପରି ଏକ ନମ୍ବର ୱାର୍ଡ ସ୍ଥିତ ଦରଗାଗୁଡ଼ାଠାରେ ଥିବା ରାଧାକୃଷ୍ଣ ମନ୍ଦିରରେ ଏକ ହଜାର ଆହୁତି ଦେଇ ଯଜ୍ଞ କରାଯାଉଛି।

# ରାମ ମନ୍ଦିର ପ୍ରତିଷ୍ଠା ପାଇଁ ମୈଦଲପୁର ଉତ୍ସବମୁଖର



**ମୈଦଲପୁର,୨୧।୧(ସମିସ):** ସୋମବାର ଅଯୋଧ୍ୟାରେ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକର ମୈଦଲପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ସୋମବାର ମୈଦଲପୁର ହନୁମାନ ମନ୍ଦିରରେ ୩ରୁ ୪ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମୈଦଲପୁର କଲେଜ କଲୋନୀର ଶିକ୍ଷକ ବାବୁଲାଲ ସାଗର, ସରକାରୀ ପ୍ରାଥମିକ ବିଦ୍ୟାଳୟ ଭେଜାର ପ୍ରଧାନଶିକ୍ଷକ ଦିବାକର ସମରଥ, ବଟକରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ବଟକରୀ ପ୍ରଧାନ, ଶିକ୍ଷକ କେଶବ ଦିସାରୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ହୃଷୀକେଶ ବିଷୋୟୀ, ଯୁବ ବ୍ୟବସାୟୀ ଶୋଭା ଗରଡ଼ା ଏଥିରେ ସହଯୋଗ କରିଛନ୍ତି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାବୁଲାଲ ସାଗର ତତ୍ତ୍ୱାବଧାନରେ ଆୟୋଜନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୈଦଲପୁର ହନୁମାନ ମନ୍ଦିରରେ ସନ୍ତୋଷ ପାଣିଗ୍ରାହୀ, ନବରଙ୍ଗପୁର ଜିଲ୍ଲା ଯୁବ ହିନ୍ଦୁ ମହାସଂଘର ସଭାପତି ନିର୍ମଳ ବିଷୋୟୀ, ଭବାନୀ ଶଙ୍କର ବିଷୋୟୀ, କିଶୋର ବିଷୋୟୀ, ମନ୍ଦିର ପୂଜକ ବିଶ୍ୱନାଥ ଦାସ ମଧ ସହଯୋଗ କରୁଥିବା ଜଣାପଡ଼ିଛି।

# ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନା



**କୋରାପୁଟ,୨୧।୧(ସମିସ):** କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ପ୍ରଥମ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଉପଲକ୍ଷେ ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ନୋଡାଲ ଅଫିସର ସୁଜାତା ଷଡ଼ଙ୍ଗୀ ଆୟୋଜନ କରିଥିଲେ। 'ନୂଆ-ଓ'ର ନୋଡାଲ ଅଫିସର ସରିତ ବାଳା ଭତ୍ରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ବୀରେନ୍ଦ୍ର କୁମାର ଷଡ଼ଙ୍ଗୀ ଯୋଗଦେଇ ଜଗନ୍ନାଥଙ୍କର ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯାମରଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଡ. ପ୍ରଦୀପ କୁମାର ମିଶ୍ର ଛାତ୍ରଛାତ୍ରୀଙ୍କୁ ନିଜ ମାତୃଭୂମି ଓ ମାତୃଭାଷାର ସମ୍ମାନ କରିବା ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ମାହାତ୍ମ୍ୟ ବିଷୟରେ କିଛି ପ୍ରସଙ୍ଗ ବର୍ଣ୍ଣନା କରିଥିଲେ। ୨୦ ଜଣ ଛାତ୍ରଛାତ୍ରୀ ଜଗନ୍ନାଥଙ୍କ ବେଶ, ମଠ ପରମ୍ପରା, ରଥଯାତ୍ରା, କିମ୍ବଦନ୍ତୀମୂଳକ ଆଖ୍ୟାନ, ସୁନାବେଶ ଆଦି ବିଷୟରେ ନିଜ ନିଜ ଲେଖା ପାଠ କରିଥିଲେ। ଡ. ଜଗତ କୃଷ୍ଣ ତ୍ରିପାଠୀ, ଡ. ମନୋରଞ୍ଜନ ନାୟକ, କେଶବ ଭୁଏ, ଡ. ବଳରାମ ଦାସ, ହିମାଂଶୁ ଭୂଷଣ ନନ୍ଦ, ସୁଜାତା ଷଡ଼ଙ୍ଗୀ ପ୍ରମୁଖ ନିଜ ଆଲୋଚନା ବିଷୟମାନ ଉପସ୍ଥାପନ କରିଥିଲେ। ଡ. ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣୀ ଚିକିତ୍ସକଙ୍କ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ



**ଗୁଣୁପୁର/ରାମନାଗୁଡ଼ା,୨୧।୧(ସମିସ):** ପ୍ରାଣୀ ସମ୍ପଦ ବିକାଶ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରୀକରଣ, ପ୍ରାଣୀ ଚିକିତ୍ସକମାନଙ୍କର କ୍ୟାଡର ପୁନର୍ଗଠନ, ନିଃଶୁଳ୍କ ପ୍ରାଣୀ ଚିକିତ୍ସା ସେବା ଓ କେନ୍ଦ୍ରୀୟ ହାରରେ ପ୍ରାଣୀ ଚିକିତ୍ସକମାନଙ୍କୁ ଡିଏସିପି ଓ ଏନପିଏ ପ୍ରଦାନ ଦାବିଗୁଡ଼ିକୁ ନେଇ ଗତ ୧୮ ତାରିଖଠାରୁ ରାୟଗଡ଼ା ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ରାୟଗଡ଼ା ଜିଲ୍ଲା ପ୍ରାଣୀ ଚିକିତ୍ସକ ସେବା ସଂଘର ସାଧାରଣ ସମ୍ପାଦକ ଡା. ନରେଶ ଚନ୍ଦ୍ର ଜେନା, ଜିଲ୍ଲା ସଂଯୋଜକ ଡା. ଅଭିଳାଷ ରାଉତରାୟ, ଜିଲ୍ଲା ମହିଳା ପ୍ରାଣୀ ଚିକିତ୍ସକ ଉଇଙ୍ଗର ଯୁଗ୍ମ ସମ୍ପାଦିକା ଡା. ସ୍ୱାତୀ ଚୌଧୁରୀ, କୋଷାଧ୍ୟକ୍ଷ ଡା. ପାର୍ଥସାରଥୀ ସ୍ୱାଇଁଙ୍କ ସମେତ ୩୨ ଜଣ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଅଛନ୍ତି। ତେଣୁ ଜିଲ୍ଲାରେ ଥିବା ୧୬ଟି ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସା ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି। ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣୁପୁର ବିଧାୟକଙ୍କ ମାଧ୍ୟମରେ ପ୍ରେରଣ କରାଯାଇଛି ବୋଲି ଜିଲ୍ଲା ସଂଘର ପ୍ରତିନିଧି ଡାକ୍ତର କୃଷ୍ଣାନନ୍ଦ ବେହେରା ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗୁଣୁପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆଲୋକ କୁମାର ଆଚାର୍ଯ୍ୟ, ଗୁଣୁପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାଧେଶ୍ୟାମ ଦାଶ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ଗୁଣୁପୁର ଡା. ବିଷ୍ଣୁ ଚରଣ ଶବର, ଗୁଣୁପୁର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା. ସିଦ୍ଧାର୍ଥ ଶଙ୍କର ସାବତ ଓ ଡେପାଗୁଡ଼ା ପ୍ରାଣୀ ଚିକିତ୍ସକ ଡା. ସଂଗ୍ରାମ କେଶରୀ ବେଉରିଆ ଉପସ୍ଥିତ ଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଦୁଇ ଦିନିଆ ପାଠଚକ୍ର

**ଜୟପୁର,୨୧।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଠଚକ୍ର ରବିବାର ଶୁଭାରମ୍ଭ ହୋଇଥିଲା। ଦୁଇ ଦିନିଆ ପାଠଚକ୍ରର ପ୍ରଥମ ଦିବସରେ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି' ସମ୍ମିଳନୀରେ ମୁଖ୍ୟଅତିଥି ଭାବେ




ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଗୋପାଳ ହାଲଦାର ଯୋଗଦେଇ ସମାଜ, ସାଧାରଣ ଲୋକଙ୍କ ଉପରେ ସାହିତ୍ୟର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. କୀଚକ ଚନ୍ଦ୍ର ଜେନା ଏବଂ ବକ୍ତା ଭାବେ ବିଶିଷ୍ଟ କବି ଅଧ୍ୟାପକ ରବି ଶତପଥି ଯୋଗଦେଇ ତାଙ୍କ ବକ୍ତବ୍ୟରେ ଓଡ଼ିଆ କବିତାର ବିକାଶଧାରା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ବକ୍ତା ଭାବେ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପ୍ରଥମ ଦିନରେ ୨ୟ ଅଧିବେଶନରେ ପ୍ରଥମ ବକ୍ତା ଭାବେ ଅଧ୍ୟାପକ ଡ. ଡମ୍ବରୁଧର ଦାସ ଏବଂ ଦ୍ୱିତୀୟ ଅଧିବେଶନରେ ବକ୍ତା ତଥା ସମାଲୋଚିକା ଡ. ଲୋପାମୁଦ୍ରା ସ୍ୱାଇଁ ଓଡ଼ିଆ ଉପନ୍ୟାସରେ ନାରୀ ଶୀର୍ଷକକୁ ନେଇ ଆୟୋଜିତ ପାଠଚକ୍ରରେ ନିଜ ନିଜ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଅରୁଣ ରାଜ୍, ଡ. ବିଜୟ ସେଠୀ, ସୁକାନ୍ତି ସଏ, ସଚିନ ନାୟକ, ସନ୍ତୋଷିନୀ ମୁଣ୍ଡା, ଡ. ପ୍ରଶାନ୍ତ ପାତ୍ର, ଡ. ଲକ୍ଷ୍ମଣ ପାତ୍ର, କେଦାର ପୃଷ୍ଟି, ବିଶ୍ୱବିଦ୍ୟାଳୟ ଓ ସମସ୍ତ ଅଧ୍ୟାପକଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନାଲ୍କୋର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



**ଦାମନଯୋଡ଼ି,୨୧।୧(ସମିସ):** ନାଲକୋ ସ୍ପୋର୍ଟସ ସେଲ ପକ୍ଷରୁ ରବିବାର ନାଲକୋ ଟାଉନସିପ୍ ସ୍ଥିତ ସେକ୍ଟର ୩ ନେତାଜୀ ଷ୍ଟାଡିୟମରେ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଗ୍ରୁପରେ ଦୌଡ଼, ଲମ୍ବ ଡିଆଁ, ସଟପୁଟ, ଚକୋଲେଟ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଲକୋ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର ଓ ସଞ୍ଜୟ ଗୁପ୍ତା, ମହାପ୍ରବନ୍ଧକ ସରୋଜ କୁମାର ନାଥ, ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତିଙ୍କ ସହିତ ସମୀର ସିଂହ, ସୁଶାନ୍ତ ପାଢ଼ୀ ଓ ଗଣେଶ ବେହେରା ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ଓ ନବକିଶୋର ପଣ୍ଡା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଆସନ୍ତା ୨୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ନାଲକୋ କର୍ମଚାରୀ ଓ ପରିବାର ସଦସ୍ୟଙ୍କୁ ନେଇ କ୍ରୀଡ଼ା ଅନୁଷ୍ଠିତ ହେବା ସହ ଅପରାହ୍ଣରେ ଉଦଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି।

# ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସୂରିୟା ଏକାଦଶ ବିଜୟୀ

**ଚନ୍ଦାହାଣ୍ଡି,୨୧।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମଠାରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ପୂର୍ବତନ ଶିକ୍ଷରାଷ୍ଟ୍ର ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଆୟୋଜିତ ଫାଇନାଲ ମ୍ୟାଚ୍ ସୂରିୟା ଏକାଦଶ ବନାମ ଝାରସୁଗୁଡ଼ା ଲିଟିଲ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଏଥିରେ ସୁରିୟା ଏକାଦଶ ମ୍ୟାଚକୁ ବାଜିମାତ୍ କରି ବିଜେତା ହୋଇଛି।

୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ସୂରିୟା ଏକାଦଶ ପ୍ରଥମେ ବ୍ୟାଟିଂ କରି ସଚିନ ମଲ୍ଲିକ ଓ ରାଓ କମରାନ ପାନୀୟାଲାଙ୍କ ଅର୍ଦ୍ଧଶତକ ବଳରେ ୧୬୮ ରନ୍ ସଂଗ୍ରହ କରିଥିଲା। ୧୬୯ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଝାରସୁଗୁଡ଼ା ଦଳ ରାଜା କୁସୁମଙ୍କ ଅର୍ଦ୍ଧ ଶତକ ସତ୍ତ୍ୱେ ବିଜୟ ଲକ୍ଷ୍ୟ ହାସଲ କରି ନ ପାରି ସମସ୍ତ ଉଇକେଟ୍ ହରାଇ ୧୪୯ ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ୧୯ ରନରେ ସୂରିୟା ଏକାଦଶ ମ୍ୟାଚକୁ ଜିତି ନେଇଥିଲା। ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ତଥା ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସଂଘର ବରିଷ୍ଠ ସଦସ୍ୟ ସଂଗ୍ରାମ କେଶରୀ ସାହୁଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ଯାଦବ ମାଝୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଉମରକୋଟ ପୌରପାଳିକାର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଜିଲ୍ଲା ପରିଷଦ ସଭ୍ୟା କେତକୀମଲ୍ଲୀ ଗୌଡ଼ ଓ ବର୍ଷାରାଣୀ ପଟେଲ, ଚନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଧୋଡ଼ିପାଣି ପଞ୍ଚାୟତ ସରପଞ୍ଚ ଦୁଲ୍ଲବ ପୂଜାରୀ, ସମିତିସଭ୍ୟା ଭାନୁମତି ମାଝୀ, ସମାଜସେବୀ ଗୌରହରି ନାୟକ, ବିସିକେଶନ ପାଢ଼ୀ, ମହମ୍ମଦ ହନିଫ, ଭବେଶ ଗଇଁତା, ସମିତିସଭ୍ୟା ଗୌରୀ ନେଙ୍ଗୀ, କ୍ଷୀର ଦେଇ ଚଣ୍ଡି, ପ୍ରଦୀପ ପତି ପ୍ରମୁଖ ଯୋଗଦେଇଥିଲେ। ବିଜେତା ସୂରିୟା ଏକାଦଶକୁ ୬୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଝାରସୁଗୁଡ଼ା ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଓ କମରାନ ପାନୀୟାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଭାବେ ସ୍ମାର୍ଟ ମୋବାଇଲ ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଚଳିତ ସିରିଜରେ ସର୍ବାଧିକ ରନ୍ କରିଥିବା ସୂରିୟା ଏକାଦଶର ସଚିନ ମଲ୍ଲିକଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ହିରୋ ରେଞ୍ଜର ସାଇକଲ ଓ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଫିଲ୍ଡର ନଜିର ଖାନ, ବେଷ୍ଟ ବୋଲର ଆକାଶ, ବେଷ୍ଟ କିପର ସରୋଜ ବାଡେଇ, ସିରିଜ ଏଣ୍ଟରଟ୍ରେନିଂ ପ୍ଲେୟାର ରାଜା କୁସୁମଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚରେ ଦୀପାଂଶୁ କୁଣ୍ଡୁ ଏବଂ ପବିତ୍ର ନାୟକ ଅମ୍ପାୟାର, ନୀଳକଣ୍ଠ ସାନ୍ତା(ବୁଲୁ), ସୌରୀରଞ୍ଜନ ସାହୁ, ଭୀମରାଜ ତାଣ୍ଡି ଧାରା ବିବରଣୀ ପ୍ରଦାନ କରିଥିଲେ। ରତ୍ନାକର ସାହୁ ସ୍କୋରର, ବସନ୍ତ ବିଶୋଇ ଓ ପପୁ ବେଶ୍ରା ୟୁଟ୍ୟୁବ ମାଧ୍ୟମରେ ସମସ୍ତ ଖେଳର ସିଧାପ୍ରସାରଣ କରିଥିଲେ। ନରେନ୍ଦ୍ର ମାଝୀ, ନଳିନୀ ମାଝୀ, ଶିଶିର ମାଝୀ, ମାୟାଧର ମାଝୀ, ପରମେଶ୍ୱର ମାଝୀ, ଜୟସିଂ ନାୟକ, ବଳରାମ ପଟ୍ଟନାୟକ, ସୀମାଞ୍ଚଳ ଗଣ୍ଡା, ବିକ୍ରମ କେଶରୀ ସାମଲ, ଜଗଦିଶ ରାଉତ, ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ, ଧନେଶ୍ୱର ସେଠୀ, ଗୁପ୍ତେଶ୍ୱର ମାଝୀ, ଦିଲ୍ଲୀପ ନାୟକ, କନ୍ଦର୍ପ, ତପୁନ, ବିଲୁ, ପ୍ରକାଶ ପ୍ରମୁଖଙ୍କ ସହ ସମସ୍ତ ପଲ୍ଲିଶ୍ରୀ ଯୁବକ ସଂଘର ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



### ମାଟ୍ରିକ ପରୀକ୍ଷା କେନ୍ଦ୍ର ଚୟନରେ ମନମାନି

# ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନିକ ଅଧିକାରୀଙ୍କ ଅଣଦେଖା




**ମୁନିଗୁଡ଼ା,୨୧।୧(ସମିସ)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ଅମ୍ବାଦଳା ମାଟ୍ରିକ ପରୀକ୍ଷା କେନ୍ଦ୍ର ଚୟନରେ ମନମାନି ଓ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ'। ସରକାରୀ ଉଚ୍ଚ ବିଦ୍ୟାଳୟମାନଙ୍କରେ ପାଠ ପଢୁଥିବା ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବୋର୍ଡ ପରୀକ୍ଷା ୫ କିଲୋମିଟର ବ୍ୟବଧାନରେ ସ୍ଥିର କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାବେଳେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଆଜି ବି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ୨୫ କିଲୋମିଟର ଦୂର ଯିବାକୁ ପଡୁଥିବା ଅଭିଯୋଗ ହେଉଛି। ଏହିଭଳି ଏକ ଦୁର୍ଭାଗ୍ୟଜନକ ବ୍ୟବସ୍ଥା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳାଠାରେ। ଅମ୍ବାଦଳା ଅଞ୍ଚଳରେ ଥିବା ସର୍ବପୁରାତନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ପାଇଁ ଆଜି ବି ୫ କିଲୋମିଟର ବଦଳରେ ୨୫ କିଲୋମିଟର ମୁନିଗୁଡ଼ା ଯାଉଥିବା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସରକାରଙ୍କ ନିୟମ ଅନୁସାରେ, ବିଦ୍ୟାଳୟର ୫ କିଲୋମିଟର ବ୍ୟବଧାନରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା କଥା। ହେଲେ ଏଠି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରୁଥିବା ଓ ଜନଜାତି ଛାତ୍ରୀମାନଙ୍କ ପାଇଁ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି। ଆଗକୁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା ପାଇଁ ଯେତିକି ପ୍ରସ୍ତୁତ, ୨୫ କିଲୋମିଟର ଦୂର ପାଇଁ ସେତିକି ଚିନ୍ତିତ। ଦୂର ରାସ୍ତା ସହିତ ରାସ୍ତାରେ ଅଧିକ ଯାନବାହନ ଚଳାଚଳ ସାଙ୍ଗକୁ ଜାମଲାଗୁଡ଼ା ରେଲୱେ ଫାଟକ

### ● ୫ ବର୍ଷ ହେଲା ପରୀକ୍ଷା ଦେଉଛନ୍ତି ୨୫ କିଲୋମିଟର ଦୂରରେ

ପିଲାମାନଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଥିବାବେଳେ ଏହାକୁ ନେଇ ଚିନ୍ତାରେ ଅଭିଭାବକ। ଛାତ୍ରଛାତ୍ରୀମାନେ ଦୀର୍ଘ ୨୫ କିଲୋମିଟର ଦୂର ବୋର୍ଡ ପରୀକ୍ଷା ଦେବାକୁ ଯାତାୟାତ ସମୟରେ ପରୀକ୍ଷା ଦେବା ସମୟରେ ପିଲାଙ୍କ ମନରେ ଚାପ ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିବାବେଳେ ଅଞ୍ଚଳବାସୀ ପ୍ରଶାସନର ଅବହେଳାକୁ ନିନ୍ଦା କରିଛନ୍ତି। ଏହି ବିଷୟରେ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଯୋଗାଯୋଗ କରିବାରୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି ଅଧିକାରୀ। ତେଣୁ ବର୍ତ୍ତମାନ ଅଞ୍ଚଳବାସୀ ଚଳିତ ବର୍ଷ ବୋର୍ଡ ପରୀକ୍ଷାକୁ ନେଇ ଚିନ୍ତାରେ। ଘଟଣା ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ପୂର୍ବରୁ ଉକ୍ତ ବିଷୟ ଉପରେ ଅନୁଧ୍ୟାନ କରିଥିଲେ ୫ କିଲୋମିଟର ବ୍ୟବଧାନରେ ପରୀକ୍ଷା ହୋଇପାରିଥାନ୍ତା, ହେଲେ ବର୍ତ୍ତମାନ ଆଉ କିଛି ହୋଇପାରିବ ନାହିଁ ବୋଲି ଜଣାଇଥିଲେ। ସରକାର ଯେତେବେଳେ ଏହି ବିଷୟରେ ନିୟମ ପ୍ରଣୟନ କଲେ ସେତେବେଳେ ଅମ୍ବାଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୋର୍ଡ ପରୀକ୍ଷା ୫ କିଲୋମିଟର ବ୍ୟବଧାନରେ ସ୍ଥିର କରିବା ଶିକ୍ଷା ବିଭାଗ ଅଧିକାରୀମାନଙ୍କ ଦୃଷ୍ଟିରେ କେମିତି ଆସିଲାନି ବୋଲି ପ୍ରଶ୍ନ କରିବା ସହ ଜାଣିଶୁଣି ଏକ ସର୍ବପୁରାତନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅଣଦେଖା କରାଯାଉଛି। ଏହିଭଳି ଅନେକ ପ୍ରଶ୍ନ ଅଞ୍ଚଳବାସୀଙ୍କ ମନରେ ଉଙ୍କି ମାରୁଥିବାବେଳେ ଶିକ୍ଷା ବିଭାଗର ଅଧିକାରୀଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି।

ଚଳିତ ବର୍ଷ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୋର୍ଡ ପରୀକ୍ଷା ୫ କିଲୋମିଟର ବ୍ୟବଧାନରେ ସ୍ଥିର କରିବା ପାଇଁ ଅଭିଭାବକଙ୍କ ମଧ୍ୟରେ ଯୀଶୁ କରକରିଆ, ପ୍ରେମଲାଲ କରୁଆଁ, ବଲି କରକରିଆ, ବିଧିର ପାଲକା, ସାମନ୍ତ କୁସିଲିଆ, ନାରାୟଣ ପାତ୍ର, ଗୌତମ ଗୁଡୁରିଆ, ସମ୍ଭୁ ନାୟକ, ଜଗନ୍ନାଥ ଭୋଇ, ଭବାନୀ ଗୁଆ, ଦିବାକର ଟାକ୍ରୀ, ଅଶୋକ ଭୋଇ, ସଞ୍ଜୟ ମହାନନ୍ଦିଆ, ପ୍ରଭାକର ପଣ୍ଡା, ସୁନିଲ ଅଗର୍ବାଲ, ବରୁଣ ସାହୁ ପ୍ରମୁଖ ଅଭିଭାବକମାନେ ଦାବି କରିଛନ୍ତି। ଆଉ ମାସକ ପରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ହେବାକୁ ଥିବାବେଳେ ଅଧିକାରୀମାନେ ଜନଜାତି ପିଲାମାନଙ୍କ ପ୍ରତି ବୈମାତୃକ ମନୋଭାବ ନ ରଖି ସରକାରଙ୍କ ନିୟମାବଳୀକୁ ଦୃଷ୍ଟିରେ ରଖି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା କେନ୍ଦ୍ର ୫ କିଲୋମିଟର ବ୍ୟବଧାନରେ ନିଶ୍ଚିନ୍ତ କରିବାକୁ ଅମ୍ବାଦଳା ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ନଚେତ୍ ଏହା ଏକ ଆନ୍ଦୋଳନର ରୂପ ଧାରଣ କରିବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଲାଣି। ତେଣୁ ଉକ୍ତ ବିଷୟକୁ ରାୟଗଡ଼ା ଜିଲ୍ଲାପାଳ ହସ୍ତକ୍ଷେପ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ସେମିଳିଗୁଡ଼ାରେ କିଶୋରୀ ମେଳା ଅନୁଷ୍ଠିତ



**ସେମିଳିଗୁଡ଼ା,୨୧।୧(ସମିସ):** ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ବିଲେଇଗୁଡ଼ା ଗୋଷ୍ଠୀ କେନ୍ଦ୍ରରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। କିଶୋରୀ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପୂର୍ବତନ ସିଡିପିଓ ତଥା ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରୀମତୀ ମିଶ୍ର କିଶୋରୀ ବୟସରେ ସେମାନଙ୍କର ସାମଗ୍ରିକ ବିକାଶ ହିଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। କାଉନସିଲର ଶଙ୍କର ବିଲେଇପାଡ଼ିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନାବେଡା ଶିଶୁବିକାଶ ଯୋଜନା ଅଧିକାରୀ ନଳିନୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସୁପରଭାଇଜର ମୋନାଲିସା ଖେମୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁଚି ଖେଳ, ଅଖା ଦୌଡ଼, ଦଳଗତ ନୃତ୍ୟ, ଏକକ ନୃତ୍ୟ, ଆତ୍ମ ସୁରକ୍ଷା ପ୍ରଭୃତି କିଶୋରୀ ବାଳିକା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଶ୍ରୀମତୀ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ କିଶୋରୀମାନଙ୍କ ହିମୋଗ୍ଲୋବିନ ପରୀକ୍ଷା, ଉଚ୍ଚତା, ଓଜନ ମପାଯାଇଥିଲା। ବିଲେଇଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ, ଆଶାଦିଦି ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# 'ନୂଆ-ଓ' ଓଡ଼ିଆ ଭାଷା, ସାହିତ୍ୟ ପାଠଚକ୍ର




**ଜୟପୁର,୨୧।୧ (ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟଠାରେ ବିଶ୍ୱ ଓଡ଼ିଆ ଭାଷା ପାଠଚକ୍ର ଶୁଭାରମ୍ଭ ହୋଇଛି। ଦୁଇଦିନିଆ ଏହି ପାଠଚକ୍ରର ପ୍ରଥମ ଦିବସରେ ଜଗନ୍ନାଥ ସଂସ୍କୃତି ବିଷୟକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ ପ୍ରଫେସର ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ଡ. କୀଚକ ଚନ୍ଦ୍ର ଜେନା ଏବଂ ବକ୍ତା ଭାବେ ଶିକ୍ଷକ ଦ୍ୱିତୀଚନ୍ଦ୍ର ଜେନା, ଡ. ରାଜେନ୍ଦ୍ର ପାଢୀ, ଡ. ନୀଳାଦ୍ରିନାଥ ଦାସ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଅରୁଣ କୁମାର ରାଜ, ସଚିନ କୁମାର ନାୟକ, ଇଂରାଜୀ ବିଭାଗର ମୁଖ୍ୟ ଡ. ବିଜୟ କୁମାର ସେଠୀ, ଅଧ୍ୟାପିକା ସୁକାନ୍ତି ସଏ, ସନ୍ତୋଷିନୀ ମୁଣ୍ଡା, ବାଣିଶ୍ରୀ ରାଏ, କବିତା ବଡ଼େଇ, ଅର୍ଚ୍ଚନା ପାତ୍ର, ଅଧ୍ୟାପକ ଅମ୍ବଦ ପ୍ରଧାନ, ଡ. ପ୍ରଶାନ୍ତ ପାତ୍ର, ସଞ୍ଜୟ କୁମାର ସାହୁ, ଦୁର୍ଗା ପ୍ରସାଦ ପଣ୍ଡା, କେଦାର ନାଥ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ହିମାଦ୍ରୀ ତନୟା ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଗୁଣୁପୁର:** ଗୁଣୁପୁର ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଶାବର ସଂସ୍କୃତିରେ




ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତି ଓ ଧର୍ମ ଦର୍ଶନରେ ଶ୍ରୀଜଗନ୍ନାଥ ଶୀର୍ଷକ ବିଷୟବସ୍ତୁକୁ ନେଇ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ ବିଷୟ ବିଶେଷଜ୍ଞ ଭାବରେ ଡ. ଇନ୍ଦିରା ଅଧିକାରୀ, ଅଧ୍ୟାପକ ଶେଷସାଇ ସେନାପତି ଓ ପ୍ରାଧ୍ୟାପକ ଡ. ଜବାହରଲାଲ ଚୌଧୁରୀ ଯୋଗଦେଇଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ ତଥା ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା, ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି, ଅଧ୍ୟାପିକା ବନ୍ଦିତା ଧୁରୁଆ, ଅଧ୍ୟାପିକା ଦୀପ୍ତିମୟୀ ବଡ଼ରଇତ, ଅଧ୍ୟାପକ ଡ. ସତ୍ୟବାନ ଗରଡ଼ା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରତିଭା ଅନ୍ୱେଷଣ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ବାଲିମେଳା,୨୧।୧(ସମିସ)**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ନଗର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ବିଭାଗ ଯଥା- ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ବିଭାଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଷୟବସ୍ତୁ ଉପରେ ଅଂଶଗ୍ରହଣ କରିଥିଲେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନେଇ ଲାଲ, ସବୁଜ, ନୀଳ ଏବଂ ହଳଦିଆ ନାମରେ ଜୁନିୟର କ୍ଲବ ଗଠନ ହୋଇଥିଲା। ସେହିପରି ନବମ ଦଶମ ଛାତ୍ରଛାତ୍ରୀଙ୍କୁ ନେଇ ସିନିୟର କ୍ଲବ ଗଠନ କରାଯାଇ କ୍ରୀଡ଼ା ମାଧ୍ୟମରେ କିପରି ଛାତ୍ରଛାତ୍ରୀମାନେ ଜୀବନ କୌଶଳର ଶିକ୍ଷା ପାଇପାରିବେ ସେଥିଲାଗି କ୍ରୀଡ଼ାଙ୍ଗନ କ୍ଲବ, ସାହିତ୍ୟ ସୃଜନୀ କ୍ଲବରେ ମୋ କଥା ମୋ କାହାଣୀ ମାଧ୍ୟମରେ ପିଲାମାନେ ନିଜ ଭିତରେ ଥିବା ସାହିତ୍ୟ ସୃଜନୀ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ, ଅତ୍ୟାଧୁନିକ ଯୁଗରେ କିପରି



ପିଲାଙ୍କର ବିଜ୍ଞାନ ପ୍ରତି ରୁଚି ବଢ଼ିବ ଏବଂ ନୂଆ ଆବିଷ୍କାର ଦିଗରେ କାର୍ଯ୍ୟ କରିବେ ସେଥିପାଇଁ ଜିଜ୍ଞାସା କ୍ଲବ ଏବଂ କୋଶଳୀ କ୍ଲବରେ ପିଲାମାନେ କମ୍ପ୍ୟୁଟର ବ୍ୟବହାର ଶିଖିବା ସହ କାର୍ଟୁନ୍ ଚଳଚ୍ଚିତ୍ର, କାର୍ଟୁନ୍ କୁଇଜ୍ ଭଳି କୋଡିଙ୍ଗ କରି ଏହାକୁ ନିଜର ବୃତ୍ତି ଭାବରେ ମଧ୍ୟ ଆପଣେଇ ପାରିବେ। ଚାରୋଟି କ୍ଲବର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ନାଚ, ଗୀତ, ବକ୍ତୃତା, ରଚନା, କୁଇଜ୍ ପ୍ରତିଯୋଗୀଙ୍କ ମଧ୍ୟରୁ କୃତୀ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲ, ସ୍କୁଲ କମିଟି ସୁରେନ୍ଦ୍ର କୁମାର ବେହେରାଙ୍କ ସମେତ ଅତିଥି ଭାବେ ବାଲିମେଳା ନଗର ବଣିକ ସଂଘ ସଭାପତି ରାଜେନ୍ଦ୍ର କୁଲଦୀପଙ୍କ ସହିତ ହର ପ୍ରସାଦ ଖାଡ଼ଙ୍ଗା, ଦେବ ପ୍ରସାଦ ଦାସ, ଚନ୍ଦନ ବାରିକ, ରବି ରଶ୍ମି ଗୁରୁ ନିରଞ୍ଜନ ମଲ୍ଲ, ଶୁଭାଶିଷ କର, ଅରୁଣ ପାତ୍ର ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି।

# ନବୋଦୟ ପାଇଁ ପ୍ରବେଶିକା ପରୀକ୍ଷା

**ବନ୍ଧୁଗାଁ,୨୧।୧(ସମିସ):** ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଷଷ୍ଠ ଶ୍ରେଣୀ ନିମନ୍ତେ ନବୋଦୟ ପାଇଁ ପ୍ରବେଶିକା ପରୀକ୍ଷା ହୋଇଯାଇଛି। ଏହି ନବୋଦୟ ଉତ୍ତୀର୍ଣ୍ଣ ପରୀକ୍ଷା ପାଇଁ ବନ୍ଧୁଗାଁ ବ୍ଲକର ୧୩ଟି ପଞ୍ଚାୟତ ଅଧୀନରେ ରହିଥିବା ବିଦ୍ୟାଳୟର ସର୍ବମୋଟ ୧୭୮ ଜଣ ଛାତ୍ରଛାତ୍ରୀ ଅନଲାଇନରେ ନାମ ପଞ୍ଜୀକରଣ କରିଥିଲେ। ଏହି ପରୀକ୍ଷା ଦେବା ପାଇଁ ନବୋଦୟ ପରୀକ୍ଷା କେନ୍ଦ୍ରରେ ୧୫୭ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ୨୧ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାର ସୁପରିଣ୍ଟେଣ୍ଡେଣ୍ଟ ଭାବରେ ମାଧ୍ୟମିକ ବିଦ୍ୟାଳୟର ଦୁର୍ଗା ପ୍ରସାଦ ହୋତା ଦାୟିତ୍ୱରେ ରହିଥିବାବେଳେ ପର୍ଯ୍ୟବେକ୍ଷକ ପାଇଁ ବନ୍ଧୁଗାଁ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ମଦନ ମୋହନ ମୁଦୁଲି, ଇନଭିଜିଲେଟର ଭାବରେ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ବନ୍ଧୁଗାଁ ତହସିଲଦାର ସୋନାଲି ପାତ୍ର ଉପସ୍ଥିତ ରହି ପରୀକ୍ଷାକୁ ସୂଚାରୁ ସମ୍ପାଦନରେ ସହଯୋଗ କରିଥିଲେ।

# ଦୈନିକ ୧୦୪୦ ରାମ ନାମ ଲେଖୁଛନ୍ତି ବ୍ରଜକିଶୋରୀ

**ଜୟପୁର,୨୧।୧(ସମିସ):** ଜୟପୁର ସହରର ମୁଖ୍ୟ ପୋଷ୍ଟ ଅଫିସ ଗଳିର ବାସିନ୍ଦା ବ୍ରଜ କିଶୋରୀ ସାହୁ(୭୨) ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ପ୍ରତ୍ୟେକ ଦିନ ୧୦୪୦ ଶ୍ରୀରାମ ନାମ ଖାତାରେ ଲେଖୁଛନ୍ତି। ଅଯୋଧ୍ୟାରେ ଆସନ୍ତା ୨୨ ତାରିଖରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପରେ ଉକ୍ତ ଖାତାକୁ ମନ୍ଦିରକୁ ପ୍ରଦାନ କରିବେ ବୋଲି ଶ୍ରୀମତି ସାହୁ କହିଛନ୍ତି। ଜୟପୁର ସହରରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଉତ୍ସବମୁଖର ହୋଇଥିବାବେଳେ ସାରା ସହର ପତାକା ଓ ବ୍ୟାନରରେ ଛାଇଯାଇଛି। ପୂର୍ବରୁ



ସହରର ବୟୋଜ୍ୟେଷ୍ଠ କୃଷ୍ଣଚନ୍ଦ୍ର ଭୁକ୍ତା ରାମାୟଣ ପୁସ୍ତକ ରଚନା କରି ଚର୍ଚ୍ଚାରେ ଥିବାବେଳେ ବ୍ରଜକିଶୋରୀ ଲକ୍ଷ ଲକ୍ଷ ଶ୍ରୀରାମ ନାମ ଲେଖି ସହରରେ ଚର୍ଚ୍ଚାକୁ ଆସିଛନ୍ତି। ପରିଣତ ବୟସରେ ପ୍ରତ୍ୟେକ ଦିନ ୧୦୪୦ ଥର ଶ୍ରୀରାମଙ୍କ ନାମ ଲେଖନ୍ତି ଏବଂ ମଧ୍ୟାହ୍ନଭୋଜନ ପରେ ଆଉ ଲେଖନ୍ତି ନାହିଁ। ପୂର୍ବରୁ ୨୫ ଲକ୍ଷ ଶ୍ରୀରାମ ନାମ ୫୫ଟି ଖାତାରେ ଲେଖି ୨୦୨୦ରେ ଆନ୍ଧ୍ରପ୍ରଦେଶ ଭଦ୍ରାଚଲମଠାରେ ଥିବା ଶ୍ରୀରାମ ମନ୍ଦିରକୁ ପ୍ରଦାନ କରିଥିବା ନେଇ ଶ୍ରୀମତି ସାହୁ କହିଛନ୍ତି। ତେଣୁ ଲକ୍ଷାଧିକ ଶ୍ରୀରାମ ନାମ ଲେଖିବା ପରେ ଅଯୋଧ୍ୟା ମନ୍ଦିରକୁ ପ୍ରଦାନ କରିବେ ବୋଲି ଆଶା ରଖିଛନ୍ତି।

# ଓଡ଼ିଆ କଳା, ସଂସ୍କୃତି ଓ ସାହିତ୍ୟ ଉପରେ ଆଲୋଚନାଚକ୍ର




**ନବରଙ୍ଗପୁର,୨୧।୧(ସମିସ):** ନବରଙ୍ଗପୁର ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ଓଡ଼ିଆ କଳା ସଂସ୍କୃତି ଓ ସାହିତ୍ୟ ଉପରେ ଆଲୋଚନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଶ୍ରୀଜଗନ୍ନାଥ ସଂସ୍କୃତି' ଉପରେ ଛାତ୍ରଛାତ୍ରୀଙ୍କୁ ଆଲୋଚନା ମାଧ୍ୟମରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା ଉପସ୍ଥିତ ଥିଲେ। ପ୍ରଥମେ ଅଧ୍ୟାପିକା ଜିଡିଭି ରଞ୍ଜିତା ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ସହକାରୀ ପ୍ରଫେସର ରାଜୀବ ଜାଲ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଜଗନ୍ନାଥ ସଂସ୍କୃତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ରଞ୍ଜୁଲତା କଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସେହିପରି ନବରଙ୍ଗପୁର ସଦର ବ୍ଲକ୍ ତାରା ଗାଁ ନୋଡାଲ ସରକାରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା, ଜିଜ୍ଞାସା, କୌଶଳ ଓ କ୍ରୀଡ଼ା ଉତ୍ସବ ପାଳନ ହୋଇଯାଇଛି। ଏଥିରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ପଟ୍ଟନାୟକ ସଭାକାର୍ଯ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଆଜିର ଶିଶୁ କାଲିର ଉତ୍ତମ ନାଗରିକ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ତାରା ଗାଁ ପଞ୍ଚାୟତ ସରପଞ୍ଚ ଅମ୍ବିକା ଭତ୍ରା ଯୋଗଦେଇ ପିଲାଙ୍କୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ଜଗନ୍ନାଥ ବେହେରା ସାହିତ୍ୟ ସର୍ଜନା ଦିଗରେ ପିଲାଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ମିତ୍ରଭାନୁ ସତନାମି ଯୋଗଦେଇ କବିତା ଉପରେ ପିଲାଙ୍କୁ କହିଥିଲେ। ରଜନୀ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଧରିତ୍ରୀ ପାତ୍ର, ଶୁଭଶ୍ରୀ ତ୍ରିପାଠୀ, ପ୍ରଶାନ୍ତ କୁମାର ବେଣ୍ଣୁ, କୃତ୍ତିବାସ ପାତ୍ର, ମିନତି ପ୍ରଧାନ, ସନ୍ତୋଷ ସାହୁ, ଯମୁନା ହରିଜନ, ତନୁଜା ପାତ୍ର, ଝରଣା ପଟ୍ଟନାୟକ, ତୃପ୍ତିମୟୀ ପାଣିଗ୍ରାହୀ, ଭାରତୀ ଦିଦି, ସନ୍ଦୀପ ପଣ୍ଡା କାଦମ୍ବିନୀ ଖରାଙ୍କ ସହିତ ବହୁ ଅଭିଭାବକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଓଡ଼ିଆ ଭାଷା ସମ୍ମିଳନୀ ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ସେମିଳିଗୁଡ଼ା,୨୧।୧(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ 'ନୂଆ-ଓ' କାର୍ଯ୍ୟକ୍ରମର ଅଂଶ ଭାବେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ସମ୍ପର୍କିତ ପ୍ରବନ୍ଧ ଲିଖନ, ଓଡ଼ିଆ ଭଜନ, କାହାଣୀ କଥନ, ସାଧାରଣ ଜ୍ଞାନ ପରୀକ୍ଷା, ଲୋକନୃତ୍ୟ, ହସ୍ତାକ୍ଷର, ବ୍ୟାକରଣ ପରୀକ୍ଷା, ଓଡ଼ିଆ ଘର ଖାଦ୍ୟ ଏବଂ କବିତାପାଠ ଆଦି ପ୍ରତିଯୋଗିତା ଉଭୟ ସେମିଳିଗୁଡ଼ା ମହାବିଦ୍ୟାଳୟ ଏବଂ ସେମିଳିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୬ ତାରିଖରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକ ମାର୍ଗଦର୍ଶନ କରିଥିଲେ। ସମ୍ପନ୍ନ ହୋଇଥିବା ବିଭିନ୍ନ ପ୍ରତିଯୋଗିତାକୁ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ବିଦ୍ୟୁତ୍ ପ୍ରଭା ରାଉତ ପରିଚାଳନା କରିଥିଲେ। ଏହି କାର୍ଯ୍ୟରେ ବରିଷ୍ଠ ଅଧ୍ୟାପକ ପ୍ରେମାନନ୍ଦ ରାଉତ, ହରପ୍ରସାଦ ପତି, ସଂଯୋଜିକା ବବିତା ମିଶ୍ର, ସଂଯୋଜକ ରମେଶ ମଲ୍ଲିକ, ଦିଗେଶ୍ୱରୀ ଶିଖା, ପ୍ରବୋଧ ମଲ୍ଲିକ, ଜ୍ୟୋତ୍ସ୍ନା ଦାସ, ପିଙ୍କି ଗୋୟଲ ପ୍ରମୁଖ ତଥା ଅଧ୍ୟାପକ, ଅଧ୍ୟାପିକା, ପ୍ରତିଯୋଗୀ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

**ଉମରକୋଟ :** ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟଠାରେ 'ନୂଆ-ଓ' ପ୍ରଯୋଜିତ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଦୀର୍ଘ ପାଞ୍ଚ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଥିଲା। ଏହି ସମ୍ମିଳନୀରେ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀର ସଦସ୍ୟ ବଲ୍ଲଭ ରାଉତ, ଝରିଗାଁ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଶ୍ରୀଗୋପାଳ ମହାରଣା, ଓଷ୍ଟା ସମ୍ପାଦକ ବଂଶୀଧର ଭୂୟାଁ ଯୋଗଦେଇଥିଲେ। ସମ୍ମିଳନୀରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅନୀଲ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ଡ. ଶେଷାନନ୍ଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଦିବାକର ପଟ୍ଟନାୟକ ଓ ଡ. ରବିନ୍ଦ୍ର ମିଶ୍ର ସରକାରଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତିକୁ ଭବିଷ୍ୟତରେ ଅଧିକ ବ୍ୟାପକ କରିବା ପାଇଁ ଯୁବ ଶକ୍ତିକୁ ଆହ୍ୱାନ ଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଅଧ୍ୟାପକ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଚିନୁ ପଟ୍ଟନାୟକ, ଚିନ୍ମୟ ରାଉତ, ସମୀର ମହାନ୍ତି, ସୁରଭି ଦାସ, ବୁନୁ ସାମଲ, ଶ୍ୱେତା ଦାସ, ଅଶୋକ କୁଜୁର, ସାଗର, ରଞ୍ଜିତା ରଥ, ରିତୁ ଓ ଗାୟତ୍ରୀ ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ। ଅଧ୍ୟକ୍ଷ ଡ. ଅନୀଲ କୁମାର ମିଶ୍ର ଅଣଶିକ୍ଷକ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ।



